Odisha Legislative Assembly

# ଦ୍ୱିତୀୟ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୭ ନଭେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ସମବାୟ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 226**

----

### ଗୃହ ନିର୍ମାଣ ସମବାୟ ସମିତି ଦ୍ୱାରା ଋଣ ପ୍ରଦାନ

40 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ପୁରୀ ଜିଲ୍ଲା ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସତ୍ୟବାଦୀ ଓ କଣାସ ବ୍ଲକରେ କେତେ ଗୃହହୀନ ପରିବାର ଥିବା ଆକଳନ କରାଯାଇଛି ଓ ରାଜ୍ୟ ଗ୍ରାମ୍ୟ ଗୃହ ନିର୍ମାଣ ସମବାୟ ନିଗମ ଓ ଗ୍ରାମ୍ୟ ଗୃହ ନିର୍ମାଣ ସମବାୟ ସମିତି ମାଧ୍ୟମରେ ଉପରୋକ୍ତ ଦୁଇ ବ୍ଲକରେ ଗୃହ ନିର୍ମାଣ ଋଣ ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି ?

----

### ସ୍ଥାନୀୟ ଏମଏସଏମଇ ମାନଙ୍କୁ ଆର୍ଥିକ ସହାୟତା

177 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବିଷମକଟକ ନିର୍ବାଚନମଣ୍ଡଳୀରେ ଏମଏସଏମଇ ପାଇଁ ଋଣ ଉପଲବ୍ଧତା କୁ ଉନ୍ନତ କରିବା ପାଇଁ କେଉଁ ପଦକ୍ଷେପ ନିଆଯାଇଛି; ସ୍ଥାନୀୟ ଏମଏସଏମଇ ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ କଣ ସବୁ ସରକାରୀ ଯୋଜନା ଅଛି ; ବିଷମକଟକ ସ୍ଥିତ ଦକ୍ଷତା ବିକାଶ ତଥା ତାଲିମ କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବା ସରକାର ଙ୍କ କଣ ଆଭିମୁଖ୍ୟ ରହିଛି ;ଏମଏସଏମଇରେ କର୍ମଶାଳାର ଦକ୍ଷତା ବୃଦ୍ଧି ପାଇଁ କେଉଁ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି; ଉଦ୍ୟୋଗଗୁଡିକୁ ପୁନର୍ଜୀବିତ କରିବା ପାଇଁ ସରକାର କୌଣସି ସାର୍ବଜନୀନ-ବେସରକାରୀ ସହଭାଗୀତା (ପିପିପି) ଉପରେ ବିଚାର କରୁଛନ୍ତି କି?

----

## ନୂତନ କାର୍ଡ ଆବେଦନ ପାଇଁ site ଖୋଲିବା

**205 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) E- kyc ପ୍ରକ୍ରିୟାରୁ କେତେ ଭୂତ ରାସନ କାର୍ଡ ମିଳିଛି ଏବଂ ଉକ୍ତ ପ୍ରକିୟା କେତେ ଦିନ ଆଉ ଚାଲିବ ଓ ଅଦ୍ୟାବଧି କେତେ ସଂଖ୍ୟକ ହିତାଧିକାରୀ E - kyc କରି ସାରିଲେଣି ବାକି କେତେ ଅଛନ୍ତି ଏହାର ଏକ ବ୍ଲକ ୱାରି ତଥ୍ୟ ପ୍ରଦାନ କରିବେ କି ? (ଖ) ସମଗ୍ର ଓଡ଼ିଶାରେ ନୂତନ ରାସନ କାର୍ଡ ପାଇଁ ଅଦ୍ୟାବଧି ଆବେଦନ ସଂଖ୍ୟା କେତେ ? ନୂତନ ରାସନ କାର୍ଡ ପ୍ରଦାନ ପାଇଁ ସରକାର କେବେ site ଖୋଲିବେ ଏବଂ ବ୍ଲକ ୱାରି ନୂତନ କାର୍ଡର ଟାର୍ଗେଟ କେତେ ମିଳିବ ଓ E-sharm କାର୍ଡ ଧାରିଙ୍କୁ ନୂତନ କାର୍ଡ ପ୍ରଦାନ ସ୍ଥଳେ କିଛି କାର୍ଡ ଧାରୀ ଅଦ୍ୟାବଧି ରାସନ କାର୍ଡ ପାଇବାରୁ ବଂଚିତ ହୋଇଛନ୍ତି ତାଙ୍କ ପାଇଁ ବିଭାଗ କଣ ବ୍ୟବସ୍ଥା କରାଯାଇଛି ?

----

## ସୌଭାଗ୍ୟ ଯୋଜନାରେ ବିଜୁଳି କନେକସନ୍

**206 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ)ସୌଭାଗ୍ୟ ଯୋଜନା ଭଳି ଗରିବଙ୍କୁ ମାଗଣାରେ ନୂତନ ବିଜୁଳି କନେକସନ ଦେବା ପାଇଁ ରାଜ୍ୟ ସରକାର ପକ୍ଷରୁ କିଛି ଯୋଜନା ହାତକୁ ନିଆଯାଉଛି କି ? ଯଦି ହଁ ଏହାର ସମ୍ପୂର୍ଣ ତଥ୍ୟ ଦେବା ସହ ଆର୍ଥିକ ବର୍ଷ ୨୪/୨୫ରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାଇଁ କେତେ ଅର୍ଥ ବ୍ୟୟରେ କେଉଁ ସବୁ କାର୍ଯ୍ୟ ବା ପ୍ରକଳ୍ପ ହାତକୁ ନିଆଯିବା ପାଇଁ ଯୋଜନା ହୋଇଛି, ଭିତ୍ତିଭୂମି ବିକାଶ, ନୂତନ Transformer ତଥା underground caballing ସମେତ ନୂତନ ଗ୍ରୀଡ ସବ-ଷ୍ଟେସନ ଇତ୍ୟାଦି କେତେ ପରିମାଣର ଲଗେଇବେ ?

----

## କୃଷକମାନଙ୍କୁ ପ୍ରୋତ୍ସାହିତ କରିବା

**207 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କୃଷକମାନଙ୍କୁ ସ୍ୱାଭିମାନର ସହ ବଞ୍ଚିବା ନିମନ୍ତେ ପ୍ରୋତ୍ସାହିତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି?

----

## ନୂତନ ଖାଉଟି କାର୍ଡ ପ୍ରଦାନ

208 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନୂତନ ଖାଉଟୀ କାର୍ଡ ବ୍ୟବସ୍ଥା ପ୍ରବର୍ତ୍ତନ ଯୋଗୁଁ ଯେପରି କୌଣସି ଗରିବ ଲୋକ ଖାଉଟୀ କାର୍ଡ ପାଇବାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Tata Power ଲାଭାଂଶକୁ CSR ନିମନ୍ତେ ଖର୍ଚ୍ଚ

209 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- Tata Power ରାଜ୍ୟରେ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ହାତକୁ ନେବା ଦିନ ଠାରୁ କେତେ ଅର୍ଥ ଜୋରିମାନା ଭାବେ ସଂଗ୍ରହ କରିଛନ୍ତି ତାର ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ଏବଂ Tata Power ତାର ଲାଭାଂଶରୁ CSR ନିମନ୍ତେ କେଉଁ ଜିଲ୍ଲାରେ କେତେ ଖର୍ଚ୍ଚ କରିଛନ୍ତି ତାର ଜିଲ୍ଲାୱାରୀ ଖର୍ଚ୍ଚ କରାଯାଇଥିବା ଯୋଜନା ଗୁଡିକର ତାଲିକା ପ୍ରଦାନ କରିବେ କି?

----

## ସମବାୟ ସେବା Cadre ପ୍ରସ୍ତୁତ

210 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ସମବାୟ ସେବା Cadre ତିଆରି କରିବା ପଛର ସରକାରଙ୍କର କଣ ଉଦ୍ଦେଶ୍ୟ ରହିଥିଲା ; ବର୍ତ୍ତମାନ ସୁଦ୍ଧା ସମବାୟ ବିଭାଗ ଅଧିନରେ କେତେଗୋଟି ସମବାୟ ସମିତି ରହିଛି ଏବଂ ଏହାର ସୁପରିଚାଳନା ନିମନ୍ତେ ଓଡିଶା ସମବାୟ ସେବାର କେତେଜଣ ଅଧିକାରୀ କାର୍ଯ୍ୟରତ ଅଛନ୍ତି ; ସେହିଭଳି ଅନ୍ୟ ବିଭାଗ ଅଧିନରେ କେତେଗୋଟି ସମବାୟ ସମିତି ରହିଛି ଏବଂ ଏହାର ସୁପରିଚାଳନା ନିମନ୍ତେ କେତେଜଣ ଓଡିଶା ସମବାୟ ସେବାର ଅଧିକାରୀ କାର୍ଯ୍ୟରତ ଅଛନ୍ତି?

----

## ଫଳ ଓ ପନିପରିବା ଚାଷରେ Pesticide ବ୍ୟବହାର

211 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କୃଷି ଉତ୍ପାଦନ ପାଇଁ ଶସ୍ୟ ଏବଂ ଫଳ, ପନିପରିବା ଚାଷରେ pesticide Hormonal ସିଞ୍ଚନ ଯୋଗୁଁ ମାଟିର ସ୍ୱାସ୍ଥ୍ୟ ଏବଂ ମଣିଷ, ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ଉପରେ କଣ ପ୍ରଭାବ ତା ସମ୍ବନ୍ଧରେ study କରାଯାଉଛି କି?

----

## Ration ସାମଗ୍ରୀ ବଣ୍ଟନରୁ ପଞ୍ଚାୟତକୁ ବାଦ ଦେବା

212 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Ration ସାମଗ୍ରୀ ବଣ୍ଟନରୁ ପଞ୍ଚାୟତକୁ ବାଦ ଦେବାକୁ ପଦକ୍ଷେପ ନେବେ କି, କାରଣ ପଞ୍ଚାୟତର କାମ ବ୍ୟାଘାତ ହେଉଛି, କେତେ ବ୍ଲକ୍ ଏବଂ ପଞ୍ଚାୟତରେ SHG କୁ ଦିଆ ହେଉଛି, ଅନ୍ୟାନ ବ୍ଲକରେ SHG କୁ ଦେବେ କି, ଅବା ବିକଳ୍ପ ବ୍ୟବସ୍ଥା କରିବେ କି ?

----

## ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

213 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶା ସରକାର କେବେ ଆଳୁ ମିଶନ ଆରମ୍ଭ କରିଥିଲେ, ଏହି ମିଶନ ପାଇଁ କେଉଁ ବର୍ଷ ଲାଗି କେତେ ଲକ୍ଷ୍ୟ ରହିଥିଲା ଏବଂ ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଥିଲା, ଆଳୁ ମିଶନର ସମୟ ଶେଷ ବେଳକୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ଓଡିଶା ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବି ହୋଇପାରିଲା ନାହିଁ କାହିଁକି, ଏବେ ଆଳୁ ଉତ୍ପାଦନ ବୃଦ୍ଧି ଲାଗି ରାଜ୍ୟ ସରକାର କ'ଣ ସବୁ ଯୋଜନା କରୁଛନ୍ତି ଏବଂ କେଉଁ ବର୍ଷ ସୁଦ୍ଧା ଓଡିଶା ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହେବ ?

----

## ବିଭିନ୍ନ ଯୋଜନା ଦ୍ୱାରା ମାଗଣା ଚାଉଳ ଯୋଗାଣ

214 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ କେଉଁ ଯୋଜନାରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ ମାଗଣା/ରିହାତି ଚାଉଳ ଦିଆଯାଉଛି , ଏ ବାବଦରେ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଅର୍ଥ ବ୍ୟୟ କରୁଛନ୍ତି, ବଣ୍ଟନ କରାଯାଉଥିବା ଚାଉଳ କିଣିବା, ପରିବହନ ଓ ବିତରଣ ବାବଦରେ କିଲୋପିଛା ହାରାହାରି କେତେ ଅର୍ଥ ଖର୍ଚ୍ଚ ହେଉଛି , ଏବେ ଆଉ କେତେ ସଂଖ୍ୟକ ଲୋକ ମାଗଣା ଚାଉଳ ପାଇବାପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି , ମୋଟାମୋଟି ଭାବେ ରାଜ୍ୟର ମୋଟ୍ ପରିବାର ସଂଖ୍ୟା କେତେ ଏବଂ ସେଥିରୁ କେତେ ପରିବାର ଓ କେତେ ଲୋକ ମାଗଣା ଚାଉଳରୁ ଉପକୃତ ହେଉଛନ୍ତି ?

----

## ଉଠା ଜଳସେଚନରୁ ବିଦ୍ୟୁତ୍ ଛାଡ

215 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଯାଜପୁର ଜିଲ୍ଲାରେ ଉଠା ଜଳସେଚନ ପ୍ରକଳ୍ପ ଓ କୃଷି ଚାଷ ପାଇଁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଛାଡ କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଇଅଛି ?

----

## ମାଗଣା ବିଦ୍ୟୁତ୍ ଯୋଗାଣ

216 **ଶ୍ରୀ ହିମାଂଶୁ ଶେଖର ସାହୁ (ଧର୍ମଶାଳା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ସରକାରୀ ଯୋଜନା ଅନ୍ତର୍ଗତ ଆବାସ ଯୋଜନାରେ ପାଇଥିବା ଘରକୁ ମାଗଣାରେ ବିଜୁଳି ଯୋଗାଇ ଦେବାର ବ୍ୟବସ୍ଥା ସରକାର କରିଛନ୍ତି କି, ଯଦି ହଁ, ତେବେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ମାଗଣା ବିଜୁଳି ଯୋଗାଇ ଦେବା ନିମନ୍ତେ କେତେ ଜଣ ଦରଖାସ୍ତ କରିଛନ୍ତି ଏବଂ କେବେ ସୁଦ୍ଧା ସରକାରଙ୍କ ତରଫରୁ ସେମାନଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯିବ ?

----

## ଦରଦାମ ବୃଦ୍ଧିକୁ ନିୟନ୍ତ୍ରିତ

217 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ବର୍ତ୍ତମାନ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏ ଦିଗରେ କି କି ସଫଳତା ମିଳିଛି ?

----

## ବିଦ୍ୟୁତ୍ ନଥିବା ଗ୍ରାମକୁ ବିଦ୍ୟୁତ୍ କରଣ

218 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧିନରେ ବିଦ୍ୟୁତ୍ ସଂଯୋଗ ହୋଇନଥିବା ଗ୍ରାମ, ପଡା ଗ୍ରାମ ଓ ବାସଗୃହ ଗୁଡ଼ିକରେ ଏକ ବ୍ଲକ୍, ଗ୍ରାମ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ସମସ୍ତ ଗ୍ରାମ ଓ ବାସଗୃହକୁ କେଉଁ କେଉଁ ଯୋଜନାରେ କେବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରିବା ପାଇଁ ସ୍ଥିର କରାଯାଇଛି ଓ ଏ ଦିଗରେ କି କି ପଦକ୍ଷେପ ନିଆଯାଇଛି ଏକ ବିବରଣୀ ପ୍ରଦାନ କରିବେ କି ?

----

## ଚାଷୀକୁ ଅଖା ଓ ପ୍ଲାଷ୍ଟିକ ବସ୍ତା ଯୋଗାଇବା

219 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମଣ୍ଡି ଗୁଡିକ ରେ ଧାନ ବିକିବା ପାଇଁ ମଣ୍ଡିୱାରୀ କେତେ ଅଖା ବସ୍ତା ଓ ପ୍ଲାଷ୍ଟିକ ବସ୍ତା ଚାଷୀ ମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ରଖୁଛନ୍ତି, ତାହାର ମଣ୍ଡି ୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## Millet Mission ର ସଫଳତା

220 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- Odisha Millet Mission ର ସଫଳତା ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାର ରାଜ୍ୟ ତଥା ରାଜ୍ୟ ବାହାର ର କେଉଁ କେଉଁ ସଂସ୍ଥା ସହିତ ଅନୁବନ୍ଧନ କରିଛନ୍ତି ? କେବେଠୁ ଏହି ଅନୁବନ୍ଧନ କରାଯାଇଛି ? ପ୍ରତି ବର୍ଷ ଏହି ସଂସ୍ଥା ଗୁଡ଼ିକୁ ସଂସ୍ଥା ୱାରୀ କେତେ ଅର୍ଥ ପ୍ରଦାନ କରାହେଇଛି ତାହାର ଆଜି ପର୍ଯ୍ୟନ୍ତ ଏକ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି?

----

## ଚାଷୀଙ୍କୁ କାଳିଆ ଓ ପି.ଏମ. କିଷାନ ଯୋଜନାରେ ସାମିଲ

221 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟରେ କେତେଜଣ ଚାଷୀ ଉଭୟ କାଳିଆ ଓ ପି.ଏମ. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ କେତେ ଚାଷୀ କେବଳ କାଳିଆ ଯୋଜନାରେ ଓ କେତେଜଣ ଚାଷୀ ପି.ଏମ. କିଷାନ ଯୋଜନାରେ ଲାଭ ପାଉଛନ୍ତି, ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଧାନର କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୋନସ ଦେବାକୁ ଘୋଷଣା କରିଥିବା ପରିପ୍ରେକ୍ଷୀରେ ପନିପରିବା ଚାଷୀମାନଙ୍କୁ,ଛତୁ ଚାଷୀମାନଙ୍କୁ, ଡାଲି ଓ ମୁଗ ଜାତୀୟ ଫସଲ ଚାଷୀମାନଙ୍କୁ, ମାଣ୍ଡିଆ, ମକ୍କା, ଝୋଟ, ଆଖୁ, କପା ଚାଷୀମାନଙ୍କୁ ଏପରିକି ତୈଳବୀଜ ଫସଲ ଚାଷୀମାନଙ୍କୁ ସରକାର ବୋନସ ଦେବେକି ନାହିଁ ଘୋଷଣା କରିବେକି, ଏବଂ ଧାନ ଫସଲ ଚାଷୀ ବାଦ୍ ଉପରୋକ୍ତ ଅନ୍ୟାନ୍ୟ ଚାଷୀମାନଙ୍କୁ କାଳିଆ ଓ ପି.ଏ.ମ. କିଷାନ ଯୋଜନାରେ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ କରିବେକି?

----

## ମୁଣ୍ଡ ପିଛା ଚାଉଳ ଦେବା ବୃଦ୍ଧି କରିବା ପାଇଁ ପଦକ୍ଷେପ

222 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟ ସରକାର ରାସନ କାର୍ଡଧାରୀଙ୍କୁ ଇ କେୱାଇସି ଯାଞ୍ଚ ନାଁରେ 4 ମାସ ହେଲା ଯାଞ୍ଚ କରିବା ଫଳରେ ହିତାଧିକାରୀଙ୍କ ପାଖରେ ଚାଉଳ ପହଞ୍ଚିନଥିବାର ଖବର ଅଛି କି, ହିତାଧିକାରୀମାନେ ଚାଉଳ ନ ପାଇ ଆମ୍ବଟାକୁଆ, ଠୁଙ୍କ, ଫିଲକନ୍ଦା, ମାମୁକନ୍ଦା ଓ ମୂଷିଆ କନ୍ଦା ପ୍ରଭୃତି କନ୍ଦା ଜାତୀୟ ଖାଦ୍ୟ, କରଡ଼,, ବାଉଁଶ ଛତୁ, କାଙ୍ଗୁସୁଆଁ ଓ ଜହ୍ନା ଭଳି ଖାଦ୍ୟ ପେଟ ବିକଳରେ ଖାଇ ରୋଗରେ ପଡୁଛନ୍ତି ଓ ମୃତ୍ୟୁମୁଖରେ ପଡୁଥିବା ସରକାର ବିଶେଷକରି ଆଦିବାସୀ ଅଧ୍ୟୁଷିତ ଗ୍ରାମାଞ୍ଚଳରେ ତୁରନ୍ତ ଚାଉଳ ଦେବା ପାଇଁ ବ୍ୟବସ୍ଥା କରିବେକି, ସେହିଭଳି ଗ୍ରାମାଞ୍ଚଳ ଲୋକମାନେ 5 କେ.ଜି. ଚାଉଳରେ ମାସେ ଚଳିବା ଅସମ୍ଭବ ହେଉଥିବାରୁ ଗରୀବ ଲୋକଙ୍କୁ ମୁଣ୍ଡ ପିଛା ଆଉ 10 କେ.ଜି. ଅଧିକ ଚାଉଳ ଦେବା ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ପ୍ରତି ପରିବାରକୁ ବିଦ୍ୟୁତଶକ୍ତି ଯୋଗାଇବା

223 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

ରାଜ୍ୟ ସରକାର ବିଜୁଳି ଶକ୍ତି ବଦଳରେ ଅଣ ପାରମ୍ପାରିକ ଶକ୍ତି ଯଥା, ସୌରଶକ୍ତି, ପବନଶକ୍ତି, ଜୁଆର ଶକ୍ତି ଭଳି ଉତ୍ସକୁ ଅଗ୍ରାଧିକାର ଦେବା ସ୍ୱାବଲମ୍ବୀ କରିବାପାଇଁ କି କି ବିଶେଷ ପଦକ୍ଷେପ ନେଇଛନ୍ତି ଓ କେବେସୁଦ୍ଧା ଏହା ପ୍ରତିଫଳିତ ହେବ, ରାଜ୍ୟରେ ବର୍ତ୍ତମାନ ବିଜୁଳିଶକ୍ତିର ଚାହିଦା କେତେ ଅଛି ; ଉତ୍ପାଦନ କେତେ ହେଉଛି ବଳକା କେତେ ହେଉଛି; ଅନ୍ୟ ରାଜ୍ୟକୁ କେତେ ଦରରେ ୟୁନିଟ ପିଛା କେତେ ବିଜୁଳି ବିକ୍ରି ହେଉଛି ଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ କେବେସୁଦ୍ଧା ସବୁ ଅନ୍ଧାର ଅଞ୍ଚଳକୁ ବିଜୁଳିଶକ୍ତି ପହଞ୍ଚାଇବାକୁ ବ୍ୟବସ୍ଥା କରିବେ ?

----

## ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ଗୋଦାମଗୃହ

224 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ସରକାରୀ ଗୋଦାମ ଅଛି କି , ଯଦି ହଁ ତେବେ କେତୋଟି ଗୋଦାମ କେଉଁ କେଉଁ ଜାଗାରେ ଅଛି; K.Nuagao (କ ନୁଆଗାଁ) ବ୍ଲକରେ ଥିବା PEG ଗୋଦାମର ମାଲିକାନା କାହା ନାମରେ ଅଛି ଓ ସେଠାରେ ସରକାରୀ ଚାଉଳ କେତେ ପରିମାଣରେ Store ରହୁଛି ; କେତେ ଚାଉଳ ସେଠାରେ ରହିବାର ବ୍ୟବସ୍ଥା ଅଛି; ସରକାର କେବେ ସେ ଗୋଦାମକୁ କେତେ ଚାଉଳ କେଉଁ କେଉଁ ମିଲରୁ ଆସିଛି ଓ କେଉଁ କେଉଁ Distribution Point କୁ ଯାଉଛି ?

----

## ବିଭିନ୍ନ ଯୋଜନାରେ ବିଦ୍ୟୁତ ସଂଯୋଗ

225 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କନ୍ଧମାଳ ଜିଲ୍ଲାରେ ମୋଟ କେତୋଟି ଗ୍ରାମକୁ ଅଦ୍ୟାବଧି ବିଜୁଳି ସଂଯୋଗ ଦିଆଯାଇନାହିଁ ଓ ସର୍ବମୋଟ କେତେ ପରିବାର ଆଜି ପର୍ଯ୍ୟନ୍ତ ବିଜୁଳି ଆଲୋକରୁ ବଞ୍ଚିତ ହୋଇଛନ୍ତି, ଏହି ଜିଲ୍ଲାରେ ଗତ ୫ ବର୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ କେଉଁ ଯୋଜନାରେ ବିଜୁଳି ସଂଯୋଗ କାମ କରାଯାଉଛି ଓ କେତେ ପଇସା କେଉଁ ଯୋଜନାରେ ଆସିଛି ତାର ଏକ ତାଲିକା ବର୍ଷୱାରୀ ଦେବା ସହ କେଉଁ କେଉଁ କାମ ହୋଇଛି ବ୍ଲକୱାରୀ ତାଲିକା ଦେବେ କି; ସେହିପରି କେତେ ପରିବାର ଗତ ୫ ବର୍ଷ ଭିତରେ କେଉଁ ଯୋଜନାରେ ବିଜୁଳି ସଂଯୋଗ ପାଇଛନ୍ତି ପଞ୍ଚାୟତୱାରୀ ରିପୋର୍ଟ ଦେବେ କି ?

----

## ଆଳୁ, ପିଆଜ ମିଶନ କାର୍ଯ୍ୟକ୍ଷମ

226 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଆଳୁ ମିଶନ ଓ ପିଆଜ ମିଶନ ପୁନଃ କାର୍ଯ୍ୟକ୍ଷମ କରିବାର କୌଣସି ଯୋଜନା ଅଛି କି, ଯଦି ହଁ, ତେବେ ଏହାର ପୂର୍ଣ୍ଣାଙ୍ଗ ବିବରଣୀ ଉପସ୍ଥାପନ କରିବେ କି ?

----

## ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ

227 **ଶ୍ରୀ ଗଣେଶ୍ବର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ହିତାଧିକାରୀ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ସରକାର ଅନୁଭବ କରୁଛନ୍ତି କି, ଯଦି ହଁ ତେବେ ତାହା କେବେ କାର୍ଯ୍ୟକାରୀ ହେବ ଏବଂ କେଉଁ ଆଧାରରେ ହିତାଧିକାରୀ ଚିହ୍ନଟ କରାଯିବ?

----

## ଖୋଲା ଯାଇଥିବା LAMP ଶାଖା

228 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ସରକାର ସମୟରେ ରାଜ୍ୟରେ ସର୍ବମୋଟ କେତେ ଗୋଟି PACS ଗଢ଼ା ଯାଇଥିଲା ରାଜ୍ୟରେ Scheduled Block ମାନଙ୍କରେ କେତେ ଗୋଟି LAMP ଶାଖା ଖୋଲାଯାଇଛି ; ସେ ଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ; ଏ ଗୁଡ଼ିକରେ କର୍ମଚାରୀ ନିଯୁକ୍ତି ଓ Infrastructure ନିର୍ମାଣ ନିମନ୍ତେ ସରକାର କି ବ୍ୟବସ୍ଥାମାନ ଗ୍ରହଣ କରୁଛନ୍ତି ?

----

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଦ୍ୱାରା ଉଦ୍ୟୋଗ ପ୍ରତିଷ୍ଠା

229 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାରା ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସହାୟତାରେ ସର୍ବମୋଟ କେତେ ଜଣ ଉଦ୍ୟୋଗୀ କି କି ଉଦ୍ୟୋଗ ପ୍ରତିଷ୍ଠା କରିଛନ୍ତି; କେଉଁ କେଉଁ ବ୍ୟାଙ୍କ ଓ ଋଣ ଲଗାଣ ସଂସ୍ଥା ମାନଙ୍କରୁ ଉଦ୍ୟୋଗୀମାନେ କେତେ ପରିମାଣ loan ନେଇଛନ୍ତି ଏବଂ କେତେ subsidy avail କରିଛନ୍ତି ଏହି ଯୋଜନାକୁ ଅଧିକ ବ୍ୟାପକ କରିବାକୁ ସରକାର କିଛି ସର୍ତ୍ତ କୋହଳ କରିବେ କି ?

----

## ପାନ ଚାଷୀଙ୍କୁ ପ୍ରୋତ୍ସାହନ

230 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାରା ରାଜ୍ୟର ଲକ୍ଷାଧିକ ପାନଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପୂର୍ବ ସରକାର ପାନ ବରଜ ପିଛା ଅଢ଼େଇ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ପାନ ଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାକୁ ଘୋଷଣା କରିଥିଲେ ମାତ୍ର ଏଯାଏ ପାନଚାଷୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ଋଣ ପ୍ରଦାନ କରି କୌଣସି ଲିଖିତ ନିର୍ଦ୍ଦେଶ ବ୍ୟାଙ୍କଗୁଡ଼ିକୁ ଆସିନଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବେ କି ?

----

## ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟରେ ସ୍ଥାପନ

231 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଧାନ, ମୀନ ଓ ପାନ ଚାଷର ଅଞ୍ଚଳଭାବେ ପରିଚିତ ବାଲେଶ୍ୱର ଜିଲ୍ଲାରେ ଏକ ସରକାରୀ କୃଷି ବୈଷୟିକ ମହାବିଦ୍ୟାଳୟ ତଥା ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଦୀର୍ଘ ଦିନରୁ ଦାବୀ ହୋଇ ଆସୁଥିବା ଦୃଷ୍ଟିରୁ ଏହି ଦାବି ପୂରଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଧାନର ସହାୟକ ମୂଲ୍ୟ ବୃଦ୍ଧି ଦ୍ୱାରା ଅର୍ଥ ବ୍ୟୟ

232 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ଖରିଫ ଓ ରବି ଉଭୟ ସମୟରେ କେତେ ଧାନ କ୍ରୟ କରିବା ପାଇଁ ରାଜ୍ୟ ସରକାର ଲକ୍ଷ ଧାର୍ଯ୍ୟ କରିଛନ୍ତି, ଏହି ଲକ୍ଷ ଚଳିତବର୍ଷ ଉତ୍ପାଦିତ ଧାନର କେତେ ଶତାଂଶ ହେବ ବୋଲି ଆଶା ରଖିଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟକୁ ବାଦ ଦେଲେ ଯେଉଁ ୮୦୦ ଟଙ୍କା କ୍ୱିଣ୍ଟାଲ ପିଛା ଦେବାକୁ ସରକାର ଘୋଷଣା କରିଛନ୍ତି ସେ ବାବଦକୁ ଚଳିତ ବର୍ଷ କେତେ ବ୍ୟୟ ହେବ ଏବଂ ଏହି ଅର୍ଥ ପାଇଁ ସରକାର କେତେ ଅର୍ଥ ବ୍ୟୟ ବରାଦ କରିଛନ୍ତି ଜଣାଇବେ କି ?

----

## ଆଦେଶକୁ ଅନୁପାଳନ

233 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାନ୍ୟବର RERA Authority ଧଉଳି ହାଇଟ୍ସ ନାମକ ଏକ ଆବାସିକ ପ୍ରକଳ୍ପର ତାଲିକାଭୁକ୍ତ ଗୃହଗୁଡ଼ିକର ସମୟୋଚିତ୍ତ ହସ୍ତାନ୍ତର ଓ କ୍ଷତିପୂରଣ ନିମନ୍ତେ ହିତାଧିକାରୀମାନଙ୍କ ସପକ୍ଷରେ ଦେଇଥିବା ଆଦେଶକୁ ଶୀଘ୍ର ପାଳନ କରିବା ପାଇଁ ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଲିଃ, ଭୁବନେଶ୍ୱରର କର୍ତ୍ତୃପକ୍ଷଙ୍କୁ ଦୀର୍ଘ ଦିନ ହେଲା ନିର୍ଦ୍ଦେଶ ଦେଇସାରିଥିଲେ ସୁଦ୍ଧା, ସେମାନେ ବର୍ଷ ବର୍ଷ ଧରି ଆଦେଶକୁ ଅନୁପାଳନ ନ କରିବାର କାରଣ କଣ,ଉତ୍ତର ରଖିବେ କି ?

----

## ଆଳୁ, ପିଆଜ, ରସୁଣ ଚାଷୀଙ୍କୁ ପ୍ରୋତ୍ସାହିତ

234 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଆଳୁ, ପିଆଜ, ରସୁଣ ଓ ଅଦାର ଅହେତୁକ ଦରବୃଦ୍ଧି ପରିପ୍ରେକ୍ଷୀରେ ଚଳିତ ବର୍ଷ ଆଳୁ, ପିଆଜ, ରସୁଣ ଓ ଅଦା ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ଉତ୍ପାଦିତ ଫସଲକୁ ରଖିବାକୁ ଶୀତଳ ଭଣ୍ଡାର ସୁବ୍ୟବସ୍ଥିତ କରିବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଧର୍ମକଣ୍ଟା ମାନଙ୍କର ମାପକ ତ୍ରୁଟି ରୋକିବା

235 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଧର୍ମକଣ୍ଟା ମାନଙ୍କର ମାପକ ତୃଟି ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭାଗ ଚାଷୀଙ୍କ ଠାରୁ ଧାନ କ୍ରୟ

236 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାର ଚାଷୀଙ୍କଠାରୁ ଚଳିତ ବର୍ଷ କ୍ୱିଣ୍ଟାଲ୍ ପିଛା ଧାନ କ୍ରୟ ପାଇଁ ନିଷ୍ପତ୍ତି କରିଛନ୍ତି, ଚାଷୀଙ୍କ ଜମିରେ ଭାଗଚାଷ କରି ଧାନ ଅମଳ କରିଥିବା ଭାଗଚାଷୀଙ୍କ ଠାରୁ କ୍ୱିଣ୍ଟାଲ୍ ପିଛା କେତେ ଟଙ୍କାରେ ଧାନ କ୍ରୟ ପାଇଁ କି ବ୍ୟବସ୍ଥା କରିଛନ୍ତି ପ୍ରକାଶ କରି ଧାର ଉଧାର କରି ମୁଣ୍ଡଝାଳ ତୁଣ୍ଡରେ ମାରି ସପରିବାର କଷ୍ଟ ସହ୍ୟ କରି ଚାଷ କରିଥିବା ଜମିରୁ ଧାନ ଅମଳ କରିଥିବା ଭାଗଚାଷୀମାନଙ୍କ ଠାରୁ ଧାନ କ୍ରୟ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟୁତ୍ ଗ୍ରୀଡ଼ ଷ୍ଟେସନ ପ୍ରତିଷ୍ଠା

237 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଏକ ଉପଖଣ୍ଡ ସଦର ମହକୁମା ହୋଇଥିବା ବେଳେ ଏଠାରେ ଚମ୍ପୁଆ ବ୍ଲକର ୨୨ଗୋଟି ଗ୍ରାମ ପଞ୍ଚାୟତ, ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ, ବହୁ ସଂଖ୍ୟକ ମହାବିଦ୍ୟାଳୟ, ବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଖଣି, ବ୍ୟବସାୟିକ କାର୍ଯ୍ୟାଳୟ, ଖଣି ଓ ଶିଳ୍ପସଂସ୍ଥା ଥିବାବେଳେ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେସନ୍ ନଥିବା କାରଣରୁ ଲୋ ଭୋଲ୍ଟେଜ୍ ସମସ୍ୟା ସୃଷ୍ଟି ହେଉଥିବା ପରିପ୍ରେକ୍ଷୀରେ ଏହାର ପ୍ରତିକାର ପାଇଁ ଚମ୍ପୁଆଠାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ଷ୍ଟେସନ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ନୂତନ ଧାନ ବିହନକୁ ପଦ୍ମଶ୍ରୀ କମଳା ପୂଜାରୀଙ୍କ ନାମରେ ନାମିତ

238 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(କ) ରାଜ୍ୟରେ ସ୍ୱାଧୀନତା ପୂର୍ବରୁ କେଉଁ କେଉଁ କିସମର ଧାନ ବିହନ ପ୍ରଚଳିତ ଥିଲା, ତନ୍ମଧ୍ୟରୁ କେଉଁ କେଉଁ ଧାନ ବିହନ ବିଲୁପ୍ତ ହୋଇଛି, ବର୍ତ୍ତମାନ କେଉଁ କେଉଁ ପାରମ୍ପରିକ ଧାନ ବିହନକୁ ସଂରକ୍ଷିତ କରି ପ୍ରାମାଣିତ କରାଯାଇ ବିହନ ଭାବେ ବ୍ୟବହାର କରାଯାଉଅଛି, ପ୍ରକାଶ କରି ପାରମ୍ପରିକ ଧାନ ବିହନର ସଂରକ୍ଷଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି; ଏବଂ (ଖ) ରାଜ୍ୟରେ ଧାନ ବିହନ ସଂରକ୍ଷଣ ପାଇଁ ଜୀବନ ବ୍ୟାପୀ କାର୍ଯ୍ୟ କରିଥିବା ପଦ୍ମଶ୍ରୀ କମଳା ପୂଜାରୀଙ୍କ ନାମରେ ଏକ ନୂତନ ଧାନ ବିହନ ନାମିତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଣ

239 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଦେଶର ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ସୌରଶକ୍ତି ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଯୋଗାଇଦେବାକୁ ଗୁରୁତ୍ୱାରୋପ କରିଥିବା ବେଳେ ରାଜ୍ୟରେ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି; ଏବଂ (ଖ) ଯେଉଁ ଉପଭୋକ୍ତାମାନେ ନିଜ ଗୃହ ଛାତରେ ସୌରଶକ୍ତି ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି ଓ ନିଜ ଆବଶ୍ୟକ ବିଦ୍ୟୁତ୍ ବ୍ୟବହାର ପରେ ବଳକା ବିଦ୍ୟୁତ୍ ବଣ୍ଟନ କମ୍ପାନୀକୁ ବିକ୍ରୟ ପାଇଁଓ.ଇ.ଆର.ସି. ନିୟମ ସଂଶୋଧନ କରି ମାର୍ଚ୍ଚ ପରେ ବଳକା ବିଦ୍ୟୁତ୍ ବିକ୍ରୟ ଜାରି ପାଇଁ ସରକାର ନିୟମ ସଂଶୋଧନ କରିବେ କି ?

----

## Detected of false Ration Cards

240 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) The total number of false ration cards that have been detected in Odisha since June 15th 2024, (b) How many of these false ration cards have been cancelled to date & What measures are being taken to prevent the issuance of false ration cards in the future?

----

## Contractors working under Tata Power

241 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) The total number of contractors currently working under Tata Power in Odisha; (b) of these contractors, how many are based in Odisha, and how many are from outside the state and What steps are being taken to ensure that local contractors are prioritized for projects under Tata Power in Odisha?

----

## କୃଷି ଫାର୍ମର ଜମି ହସ୍ତାନ୍ତର

242 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନ ମଣ୍ଡଳୀର ଡେରାସଠାରେ ଥିବା କୃଷି ଫାର୍ମ ପାଇଁ କେତେ ଏକର ଜମି ଅଧିଗ୍ରହଣ ହୋଇଥିବା ବେଳେ କେତେ ଜମିରେ ଫାର୍ମ କାର୍ଯ୍ୟ ସମ୍ପାଦନ ହେଉଛି, ଏହି କୃଷି ଫାର୍ମର କେତେଜମି ଅନ୍ୟ କେଉଁ ସଂସ୍ଥାକୁ ହସ୍ତାନ୍ତର ହୋଇଛି, ଏହି ହସ୍ତାନ୍ତରିତ ଜମି ତୁରନ୍ତ ଫେରାଇ ଆଣିବା ସହ ଏଠାରେ ବିବିଧ ବିହନ ଉତ୍ପାଦନ ଓ କୃଷି ଗବେଷଣା ବିକଶିତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଅଭାବି ଧାନ ବିକ୍ରି ରୋକିବା

243 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାରେ ଚଳିତ ୨୦୨୪ ମସିହାରେ ଖରିଫ ଧାନ କ୍ରୟ ପାଇ କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ଜିଲ୍ଲାରେ ଅଭାବୀ ଧାନ ବିକ୍ରି ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି

244 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ ପୌର ସଂସ୍ଥା ଓ ଗ୍ରାମରେ ସୌରଶକ୍ତି ମାଧ୍ୟମରେ କେତେ ପରିବାରକୁ ବିଦ୍ୟୁତ୍ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ କେତେ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଛି, ପ୍ରକାଶ କରି ଜିଲ୍ଲାରେ ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନୂତନ ରେସନ କାର୍ଡ ଯୋଗାଇବା

245 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାରଙ୍କ ସିଦ୍ଧାନ୍ତ ଅନୁଯାୟୀ ରାଜ୍ୟରେ ରେସନ ପାଉଥିବା ଖାଉଟୀଙ୍କର କେତେ କେଉଁ ଜିଲ୍ଲା, ବ୍ଲକରେ ଭୂତ କାର୍ଡ ଚିହ୍ନଟ ହୋଇଛି ଏହାର ତଥ୍ୟ ଉପସ୍ଥାପନ କରିବେ କି, ଏହି ତଥ୍ୟ ଅନୁସାରେ ରେସନ ପାଇବାକୁ ଅପେକ୍ଷାରେ ଥିବା ସଂଖ୍ୟା କେତେ ସେମାନଙ୍କୁ ନୂଆ କରି ରେସନ ଯୋଗାଇବାକୁ ନୀତିଗତ ନିଷ୍ପତ୍ତି କଣ ?

----

## ଘରୋଇ ଭାବରେ ବିଦ୍ୟୁତ୍ ଉତ୍ପାଦନ

246 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଘରୋଇ ଭାବରେ ଉତ୍ପାଦନ ହେଉଥିବା ଶକ୍ତିର ପରିମାଣ ମୋଟ କେତେ ଏବଂ କେଉଁ ସଂସ୍ଥା ଉତ୍ପାଦନ କରୁଛନ୍ତି ସରକାର ଏହି ସଂସ୍ଥାମାନଙ୍କୁ କିପରି ପ୍ରୋତ୍ସାହନ ଦେଉଛନ୍ତି, ଏଥିରୁ ସରକାର କିପରି ଉପକୃତ ହେଉଛନ୍ତି, ପ୍ରତ୍ୟେକ ସଂସ୍ଥା ପଇଠ କରୁଥିବା ରାଜସ୍ୱର ପରିମାଣ କେତେ ?

----

## କୃଷକର ଆର୍ଥିକ ମାନ ଦଣ୍ଡ ବୃଦ୍ଧି

247 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କୃଷିକୁ ଶିଳ୍ପର ମାନ୍ୟତା ସରକାର ଦେଉଥିଲା ବେଳେ କୃଷକର ଆର୍ଥିକ ମାନ ଦଣ୍ଡ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଯୋଜନା କ'ଣ, କୃଷକ ଓ କୃଷି ଶ୍ରମିକ ଉଭୟ କୃଷି କାର୍ଯ୍ୟରେ ସମ୍ପୃକ୍ତ ଥିଲାବେଳେ ସେମାନଙ୍କ ଆର୍ଥିକ ସ୍ଥିତିର ସର୍ବ ଭାରତୀୟ ସ୍ତରରେ କେଉଁ ମାପକାଠି ନିର୍ଣ୍ଣୟ ହୋଇଛି ଏହାର ତଥ୍ୟ ଉପସ୍ଥାପନ କରିବେ କି ?

----

## କେନ୍ଦ୍ର ସରକାର ଉପରେ ବକେୟା ଥିବା ଅର୍ଥ

248 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ବକେୟା ଟଙ୍କା ବହୁବର୍ଷ ଧରି ପଡିରହିଛି, କେନ୍ଦ୍ର ସରକାର କେବଳ ଗତ ବର୍ଷର ବକେୟା ଟଙ୍କା ପ୍ରଦାନ କରିଥିବା ବେଳେ ପୂର୍ବ ବକେୟା ଅର୍ଥ ପ୍ରଦାନ ପାଇଁ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି ଖାଦ୍ୟ ଯୋଗାଣ ବିଭାଗର କେତେଟଙ୍କା କେନ୍ଦ୍ର ସରକାରଙ୍କ ଠାରେ ବକେୟା ଅଛି, ତାର ବର୍ଷୱାରୀ ଏବଂ ଯୋଜନା ୱାରୀ ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## Ineligible beneficiaries for PDS ration

249 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

Whether the Department of Food Supplies and Consumer Welfare has identified lakhs of ineligible beneficiaries for PDS ration through the ekyc process as claimed, If so, provide district wise details of such ineligible beneficiaries identified, Is the Department confident that all those identified as ineligible are indeed so and no eligible beneficiary has been wrongly excluded due to the ekyc process, If so, what is the remedy in case an eligible beneficiary has been wrongly excluded due to the ekyc process, Would ration cards of those identified as ineligible beneficiaries be deleted, If so, what procedure or guideline has been issued in this regard ?

----

## ହିତାଧିକାରୀଙ୍କୁ ଗୃହ ହସ୍ତାନ୍ତର

250 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଲିଃ ଭୁବନେଶ୍ୱର ଦ୍ୱାରା ତମାଣ୍ଡୋଠାରେ ୨୦୧୪ ମସିହାରୁ ପ୍ରାରମ୍ଭ ହୋଇଥିବା ଧଉଳି ହାଇଟ୍ସ ଆବାସିକ ପ୍ରକଳ୍ପଟି ୨୦୧୬ ସୁଦ୍ଧା ସମ୍ପୂର୍ଣ୍ଣ କରି ତାଲିକାଭୁକ୍ତ ହୋଇସାରିଥିବା ଗୃହଗୁଡିକ ଏହାର ସମସ୍ତ ହିତାଧିକାରୀମାନଙ୍କୁ ହସ୍ତାନ୍ତର କରାଯିବା ପାଇଁ, ଉକ୍ତ ନିଗମ କର୍ତ୍ତୃପକ୍ଷ ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ, ଆଜି ପର୍ଯ୍ୟନ୍ତ ସେମାନଙ୍କୁ ହସ୍ତାନ୍ତର କରାଯାଇ ନାହିଁ କାହିଁକି; (ଖ) ଦୀର୍ଘ ୮ ବର୍ଷ ଧରି ଅପେକ୍ଷାକରି ରହିଥିବା ଏହି ସମସ୍ତ ହିତାଧିକାରୀମାନଙ୍କୁ କେବେ ସୁଦ୍ଧା ସେମାନଙ୍କର ତାଲିକାଭୁକ୍ତ ଗୃହଗୁଡିକୁ ହସ୍ତାନ୍ତର କରାଯିବ ?

----

## କୋରାପୁଟ ଜିଲ୍ଲାରେ ଧାନ ସଂଗ୍ରହ

251 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟ ସରକାର କେଉଁ ସେଡୁ ପାଇଁ କେତେ ଧାନ ସଂଗ୍ରହ କରିବାର ଲକ୍ଷ ରଖିଛନ୍ତି, ଧାନ ସଂଗ୍ରହ ନିମନ୍ତେ କୋରାପୁଟ ଜିଲ୍ଲାରେ କେତେ ସଂଖ୍ୟକ ମଣ୍ଡି ଖୋଲା ଯିବା ପାଇଁ ନିଷ୍ପତ୍ତି ହୋଇଛି, ଧାନ ସଂଗ୍ରହ ପ୍ରକ୍ରିୟା ବର୍ତ୍ତମାନସୁଦ୍ଧା କେଉଁ କେଉଁ ଜିଲ୍ଲାରେ ଆରମ୍ଭ ହେଲାଣି, ଏହାର ତଥ୍ୟ ପ୍ରଦାନ କରିବେ କି ?

----

## ଯୋଗ୍ୟ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା

252 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନସୁଦ୍ଧା କେତେ ସଂଖ୍ୟକ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି, ଦୀର୍ଘ ଦିନ ଧରି ରାସନ ସାମଗ୍ରୀ ଉଠାଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଅନେକ ଯୋଗ୍ୟ ହିତାଧିକାରୀ ସାଧାରଣ ବଣ୍ଟନ ବ୍ୟବସ୍ଥାରୁ ବାଦ ପଡିଥିବା ବେଳେ କେବେସୁଦ୍ଧା ଏହି ଯୋଗ୍ୟ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରିବେ ତାହା ଜଣାଇବେ କି ?

----

## ବଞ୍ଚିତ ଥିବା ହିତାଧିକାରୀଙ୍କୁ ସାମିଲ

253 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଓ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରୁ ବଞ୍ଚିତ ଥିବା ଆବେଦନକାରୀ କେବେ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ସ୍ଥିର କରିଛନ୍ତି ?

----

## Procurement Committee ଦ୍ୱାରା ଚାଷୀଙ୍କୁ ସୁବିଧା

254 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ः**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଖରିଫ ଋତୁରେ ସରକାର ଧାନ କ୍ରୟ କରିବା ପାଇଁ ଜିଲ୍ଲାମାନଙ୍କରେ Procurement Committee ବସି ଚାଷୀମାନଙ୍କୁ କଣ ସବୁ ସୁବିଧା ଯୋଗାଇବା ପାଇଁ ପଦକ୍ଷେପ ନେଇଛନ୍ତି ?

----

## ଚାଷୀଙ୍କ ଆୟ ବୃଦ୍ଧି ପାଇଁ ପଦକ୍ଷେପ

255 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

୨୦୧୪ ମସିହା ବଜେଟ୍ ରେ କେନ୍ଦ୍ର ସରକାର ସମଗ୍ର ଦେଶର ଚାଷୀ ପରିବାର ର ମାସିକ ହାରାହାରି ଆୟରେ ବୃଦ୍ଧି ଏବଂ ଅର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଘୋଷଣା କରିଥିଲେ, ଆମ ରାଜ୍ୟର ଚାଷୀ ପରିବାର ର ମାସିକ ହାରାହାରି ଆୟ ଉତ୍ସାହପ୍ରଦ ନୁହେଁ/ଆଗାମୀ ପାଞ୍ଚ ବର୍ଷରେ ଆମ ରାଜ୍ୟର ଚାଷୀ ପରିବାର ର ହାରାହାରି ଆୟ ବୃଦ୍ଧି ସହିତ ଆର୍ଥିକ ମାନଦଣ୍ଡରେ କିପରି ଉନ୍ନତି ହୋଇ ପାରିବ ସେଥିପାଇଁ କଣ ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ବାଲେଶ୍ୱର ଠାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା

256 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ः**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଉତ୍ତର ଓଡ଼ିଶାରେ ବାଲେଶ୍ୱର ଏକ କୃଷି ପ୍ରଧାନ ଜିଲ୍ଲା ଅଟେ, ସମଗ୍ର ଜିଲ୍ଲାରେ ପାଖାପାଖି ୨ ଲକ୍ଷ ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ଅଛି ଓ ଜିଲ୍ଲାର ୮୯ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରିନ୍ତି, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡିକ ଜିଲ୍ଲାର ଅର୍ଥନୀତିର ମୂଳଦୁଆ ଅଟେ ଏବଂ ୬୭% ଲୋକଙ୍କୁ ଏହା ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ରୋଜଗାର ପ୍ରଦାନ କରିଥାଏ, ବିଗତ ତିନିବର୍ଷ ଧରି ବାଲେଶ୍ୱର ଠାରେ ଏକ ' ସରକାରୀ କୃଷି ମହାବିଦ୍ୟାଳୟ ଓ ସଂଲଗ୍ନ ଗବେଷଣା କେନ୍ଦ୍ର ' ପ୍ରତିଷ୍ଠା ପାଇଁ ଦାବୀ ଉଠୁଥିବା ବେଳେ ରାଜ୍ୟ ସରକାରଙ୍କର ଏହି 'ସରକାରୀ କୃଷି ମହାବିଦ୍ୟାଳୟ ଓ ସଂଲଗ୍ନ ଗବେଷଣା କେନ୍ଦ୍ର' ପ୍ରତିଷ୍ଠା ଦିଗରେ ଆଭିମୁଖ୍ୟ କ'ଣ ?

----

## ବିପର୍ଯ୍ୟୟ ପରେ ଶିଘ୍ର ବିଦ୍ୟୁତ ଯୋଗାଣ

257 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ପରବର୍ତ୍ତୀ ଅବସ୍ଥାରେ ଶୀଘ୍ର ବିଦ୍ୟୁତ୍ ଯୋଗାଣ ଏବଂ ପୁନଃରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସ୍ଥାୟୀ ଶକ୍ତି ଭିତ୍ତିଭୂମିର ବିକାଶ ପାଇଁ ସରକାରଙ୍କ ଯୋଜନା ଅନୁସାରେ ସହରାଞ୍ଚଳରେ ଭୂତଳ କେବୁଲ୍ ବିଛାଇବା ଏବଂ ଗ୍ରାମାଞ୍ଚଳରେ ସାଇକ୍ଲୋନ ସ୍ଥିର ଓଭରହେଡ କେବଲ୍ ବିଛାଇବା କାମ କେଉଁ କେଉଁ ଜିଲ୍ଲାର ଆରମ୍ଭ ହୋଇଛି ଏବଂ କେବେ ସୁଦ୍ଧା ଏହି କାର୍ଯ୍ୟ ସରିବାର ଯୋଜନା ଅଛି ତାହାର ଏକ ଜିଲ୍ଲା ୱାରୀ ବିବରଣୀ ପ୍ରଦାନ କରିବେ କି ?

----

## କାର୍ଯ୍ୟକ୍ଷମ ଥିବା ଶୀତଳ ଭଣ୍ଡାର

258 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ କେତେ ଶୀତଳ ଭଣ୍ଡାର ରହିଛି, କେତେ କାର୍ଯ୍ୟକ୍ଷମ ରହିଛି, ଯଦି କୌଣସି ଶୀତଳ ଭଣ୍ଡାର ନାହିଁ କିମ୍ବା କାର୍ଯ୍ୟକ୍ଷମ ହେଉନାହିଁ ତେବେ ନୂତନ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି କି, କେତେ ଜଣ ଚାଷୀଙ୍କ ଋଣ ଛାଡ କରାଗଲା ଗତ ୩ବର୍ଷ ମଧ୍ୟରେ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ବିଷମ କଟକ ଅଞ୍ଚଳର ଚାଷୀ ମାନଙ୍କ ଆବଶ୍ୟକ ତୁଳନାରେ ଅତ୍ୟନ୍ତ କମ ପରିମାଣ ର ସାର ଉପଲବ୍ଧ ହେବାର କାରଣ କଣ ଏବଂ କଣ ସବୁ ପଦକ୍ଷେପ ନିଆ ଯାଇଛି, ସାର ଯୋଗାଇବା ବାବଦରେ ସରକାର ବାର୍ଷିକ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି କେତେ ଚାଷୀ ଏଥିରୁ ଉପକୃତ ହୋଇଛନ୍ତି, ଆଗାମୀ ଦିନରେ ସମସ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗେଇଦେବା ପାଇଁ କଣ ସବୁ ବିଚାର କରୁଛନ୍ତି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ ପାଇଁ ପ୍ରସ୍ତାବ

259 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଥିବା କ୍ଷୁଦ୍ର,ମଧ୍ୟମ ଓ ବୃହତ କେତେ ଶିଳ୍ପ,କଳ କାରଖାନା ରହିଛି, ସେମାନଙ୍କୁ ୟୁନିଟ ପିଛା କେତେ ଟଙ୍କା ଧାର୍ଯ୍ୟ କରାଯାଇଛି,ସେ ମାନଙ୍କର ଗତ ଦଶ ବର୍ଷ ମଧ୍ୟରେ କେତେ ବିଦ୍ୟୁତ ବିଲ ଛାଡ଼ କରାଯାଇଛି ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏଥି ସହ ଗତ ଦଶ ବର୍ଷ ମଧ୍ୟରେ ସାଧାରଣ ଜନତା ଙ୍କ ର (ଅତ୍ୟନ୍ତ ଗରିବ) ଶ୍ରେଣୀର ଲୋକଙ୍କ କେତେ ବିଦ୍ୟୁତ ବିଲ ଛାଡ଼ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରବେ କି, ଏବଂ 300 ୟୁନିଟ ପର୍ଯ୍ୟନ୍ତର ମାଗଣା ବିଜୁଳି ଯୋଗାଇ ଦେବା ପାଇଁ କୌଣସି ପ୍ରସ୍ତାବ ରହିଛି କି, ବିଦ୍ୟୁତ ସରବରାହର ଘରୋଇ କରଣ କରାଯିବା ଯୋଗୁଁ ଲାଭ କଣ ହୋଇଛି, ରାଜକୋଷକୁ ବାର୍ଷିକ କେତେ ରାଜସ୍ୱ ଆସୁଛି ଓ ଏହି ଘରୋଇ କରଣ ଯୋଗୁଁ ବିଷମ କଟକ ନିର୍ବାଚନ ମଣ୍ଡଳୀର କେତେ ଜଣଙ୍କୁ ନିଯୁକ୍ତି ମିଳି ପାରିଛି ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## କୃଷି ଋଣ ରାଶି ବୃଦ୍ଧି

260 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମ କଟକ ଅଞ୍ଚଳରେ ମୁଖ୍ୟତଃ ଧାନ ଚାଷ ପ୍ରଚୁର ପରିମାଣରେ କରାଯାଏ ଏବଂ IMBP ରେ କୃଷକ ମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଛି ଯାହା ପୂର୍ବରୁ ୭୫ ହଜାର ଥିଲା କିନ୍ତୁ ଏହି ଋଣ ରାଶି ଜଣେ କୃଷକ ପାଇଁ ପର୍ଯ୍ୟାପ୍ତ ନୁହେଁ, ଯେଉଁ କୃଷକର ୧୦ ଏକର ଜମି ରହିଛି ତାହାର କେବଳ ୨,୮୫ ଏକର ଜମି କୁ ସରକାର ହିସାବକୁ ନିଅନ୍ତି ଓ ସହାୟତା ପ୍ରଦାନ କରିଥାନ୍ତି କିନ୍ତୁ ସେହି କୃଷକର ଅନ୍ୟ ୭ ଏକର ଚାଷୋପଯୋଗୀ ଜମି ସମ୍ବଳ ଅଭାବରୁ ବେକାର ପଡିରହୁଛି, ସମବାୟ ସମିତି ମାନଙ୍କ କରିଆରେ IMBP ମାଧ୍ୟମରେ କୃଷକ ମାନଙ୍କୁ ଦିଆଯାଇଥିବା ଋଣ ରାଶି କୁ ୧ ଲକ୍ଷ ଟଙ୍କା ଠାରୁ ବୃଦ୍ଧି କରି ୩ ଲକ୍ଷ ଟଙ୍କା କରାଯିବା ଦିଗରେ ବିଚାର କରିବେ କି ?

----

## SHG ଦ୍ୱାରା ଧାନ କ୍ରୟ

261 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ 2015 ମସିହା ଠାରୁ 2023 ମଧ୍ୟରେ ବର୍ଷୱାରୀ କେଉଁ କେଉଁ SHG ବା ପାଣି ପଞ୍ଚାୟତ ମାଧ୍ୟମରେ କେତେ କ୍ୱିଣ୍ଟାଲ ଲେଖାଏଁ ଧାନ କେତେଜଣ ଚାଷୀଙ୍କ ଠାରୁ କିଣାଯାଇଥିଲା, (ଖ) ରାଜ୍ୟରେ କେଉଁ ଜିଲ୍ଲାରେ କେତେଗୋଟି ରାଇସ୍ ମିଲରେ ରହିଛି; ସମ୍ପୃକ୍ତ ରାଇ ଥିଲ 2018 - 19 ରୁ 2021 - 23 ବର୍ଷରେ କେଉଁ ବର୍ଷ କେତେ ଧାନକୁ ପ୍ରକ୍ରିୟାକରଣ କରାଯାଇ କେତେ ଚାଉଳ ଉତ୍ପାଦନ କରାଯାଇଛି ଏବଂ 2023-24 ବର୍ଷରେ କେତେ ଚାଉଳ ଉତ୍ପାଦନ ଲକ୍ଷ୍ୟ ରହିଛି ?

----

## ପନି ପରିବା ଚାଷକୁ ପ୍ରୋତ୍ସାହନ

262 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡ଼ମ୍ବା ବ୍ଲକ ଓ ନରସିଂହପୁର ବ୍ଲକରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ଏବଂ ଇତ୍ପାଦିତ ପପରିବାର ବିକ୍ରୟ ବ୍ୟବସ୍ଥା ପାଇଁ ପରିବା ମଣ୍ଡି ସ୍ଥାପନ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ସମବାୟ କୃଷି ଋଣ ପ୍ରଦାନ

263 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡା ନିର୍ବାଚନ ମଣ୍ଡଳୀର କେଉଁ ପ୍ରାଥମିକ ସେବା ସମବାୟ ସମିତି ତରଫରୁ ବିଗତ ୫ ବର୍ଷରେ କେଉଁ କେଉଁ ଚାଷୀ, ନାମ ମାତ୍ର ଚାଷୀ, ଭାଗଚାଷୀ ମାନଙ୍କୁ କେତେ ସମବାୟ ଓ କୃଷି ଋଣ ପ୍ରଦାନ କରାଯାଇଛି ଏହାର ଜିଲ୍ଲାର ତାଲିକା ପ୍ରଦାନ କରିବେ କି ?

----

## କାର୍ଯ୍ୟକ୍ଷମ ଥିବା CCTV

264 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡ଼ା ଜିଲ୍ଲାର କେଉଁ କେଉଁ ମଣ୍ଡିରେ କେତେ ବ୍ରିଜ ଏବଂ ସିସିଟିଭି କାର୍ଯ୍ୟକ୍ଷମ କରୁଛି ଏବଂ କେତେ ଅଚଳ ହୋଇ ରହିଛି ତାଲିକା ଦେବେ କି, ମଣ୍ଡିରେ ଉତ୍ପାଦିତ ଖାଦ୍ୟ ଶସ୍ୟର ଅଖା ପରିବର୍ତ୍ତନ ହୋଇ ସୂତା ଠାରୁ ଶ୍ରମ ଯାଏ ଖର୍ଚ୍ଚ ହେଉଥିବା ଅର୍ଥ କିଏ ନେଉଛି, ଏହି ବାବଦରେ ଗତ ୨୦୨୨ ଠାରୁ ୨୦୨୪ ମଧ୍ୟରେ କେତେ ଅର୍ଥ ପ୍ରଦାନ କରାଯାଇଛି ଜିଲ୍ଲାର ମଣ୍ଡିୱାରୀ ତଥ୍ୟ ରଖିବେ କି, ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳ ମଣ୍ଡି ତଦାରଖ କରିଥିବା ତଥ୍ୟ ପ୍ରଦାନ କରିବେ କି ?

----

## ଗ୍ରାହକଙ୍କ ଘରେ ସ୍ମାର୍ଟ ମିଟର ଲଗାଇବା

265 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟାଟା ପାୱାର ଦ୍ୱାରା ସ୍ମାର୍ଟ ମିଟର ଗ୍ରାହକଙ୍କ ଘର ସଂଯୋଗ କରୁଛି ତାହା ବାଧ୍ୟତାମୂଳକ କି , ଯଦି ହଁ ତେବେ କୌଣସି ନିର୍ଦ୍ଦେଶନାମା ରହିଛି, ଯେଉଁ ସ୍ମାର୍ଟ ମିଟର ବିଦ୍ୟୁତ୍ ଗ୍ରାହକଙ୍କ ଘରେ ସଂଯୋଗ କରୁଛନ୍ତି ତାହାର ସଠିକତା ( Accuracy ) ସାର୍ଟିଫିକେଟ ସରକାରଙ୍କର କେଉଁ ସଂସ୍ଥା ପ୍ରଦାନ କରିଛି ଏବଂ ଏହାର ନକଲ ଗ୍ରାହକଙ୍କୁ ଯୋଗାଇ ଦେଉଛନ୍ତି କି ବିଦ୍ୟୁତ ଶକ୍ତିର ଭିତ୍ତିଭୂମିର ଉନ୍ନତି ସକାଶେ ଓଡ଼ିଶା ସରକାରଙ୍କୁ ଟାଟା ପାୱାର କେତେ ପରିମାଣର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି, ଏହା କେଉଁ କେଉଁ କାର୍ଯ୍ୟ ପାଇଁ କେତେ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି ଏବଂ ରାୟଗଡ଼ା ଜିଲ୍ଲାରେ କେତୋଟି ଗ୍ରାହକଙ୍କୁ ସ୍ମାର୍ଟ ମିଟର ସଂଯୋଗ କରିଛି ?

----

## ଚାନ୍ଦବାଲିରେ ନୂତନ Grid ସ୍ଥାପନ

266 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାର ଚାନ୍ଦବାଲି Grid ରୁ ଧାମରା କୁ ବିଦ୍ୟୁତ୍ ସଂଯାଗ କରିବା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି, ଚାନ୍ଦବାଲିରେ ଗୋଟିଏ ନୂତନ Grid ସ୍ଥାପନ ହୋଇଥିଲେ ମଧ୍ୟ ଏବଂ 33 KV line ଚାନ୍ଦବାଲିରୁ ଧାମରା ପର୍ଯ୍ୟନ୍ତ OPTCL ଚାନ୍ଦବାଲି Grid ରୁ ଧାମରା ଅଞ୍ଚଳକୁ line ନ ଦେବାର କାରଣ କଣ ଏବଂ ଏହା କେବେ ସୁଦ୍ଧା ଦିଆଯିବ ?

----

## Automatic Rice Mills in Odisha

267 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- How many automatic rice mills are in Odisha, among them how many are operating and how many are defunct, district wise, capacity wise, how many mills have given willingness to participate in DCP, how many have made agreement with

corporation, can Govt. give the pending rice quantity with millers ?

----

## କୃଷକ ମାନଙ୍କର ଉନ୍ନତି ପାଇଁ ପଦକ୍ଷେପ

268 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାର ଅନୁଗୋଳ ଓ ବଅଁର ପାଳ ଅଞ୍ଚଳର କୃଷକ ମାନଙ୍କର ଉନ୍ନତି ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ହିତାଧିକାରୀଙ୍କୁ ଗୃହ ଆବଣ୍ଟନ

269 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଗତ ବିଧାନସଭା ଅଧିବେଶନର ଅଣତାରକା ପ୍ରଶ୍ନ ସଂଖ୍ୟା ୮୧୩ ତା ୩୧.୦୭.୨୦୨୪ ଅନୁକ୍ରମେ ଓଡ଼ିଶା ସମବାୟ ଗୃହ ନିର୍ମାଣ ନିଗମ ଲିଃ କର୍ତ୍ତୃପକ୍ଷ ଧଉଳି ହାଇଟ୍ସ ଆବାସିକ ପ୍ରକଳ୍ପର ତାଲିକାଭୁକ୍ତ ହୋଇସାରିଥିବା ଗୃହଗୁଡିକ ଏହାର ହୀତାଧିକାରୀମାନଙ୍କୁ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ଅଦ୍ୟାବଧି ୪ ମାସ ବିତିଯାଇଥିଲେ ସୁଦ୍ଧା ଏହାର ଆବଣ୍ଟନ ପ୍ରକ୍ରିୟା ଅରମ୍ଭ ନ ହୋଇଥିବାର କାରଣ କଣ; (ଖ) ନିଗମ କର୍ତ୍ତୃପକ୍ଷ ଉପରୋକ୍ତ ଆବାସିକ ପ୍ରକଳ୍ପର ବାସୋପଯୋଗୀ ଗୃହ ଗୁଡ଼ିକୁ ଆବଣ୍ଟନ କରିବା ପୂର୍ବରୁ ଚୁକ୍ତି ମୁତାବକ ସମସ୍ତ ପ୍ରକ୍ରିୟା ସମାପନ କରିଛନ୍ତି କି ?

----

## ଯୋଗ୍ୟ ହିତାଧିକାରୀଙ୍କୁ Ration Card ଦେବା

270 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେଜଣ ଯୋଗ୍ୟ ହିତାଧିକାରୀ ରାଶନକାର୍ଡ ପାଇଁ ଆବେଦନ କରିଛନ୍ତି, ତାହାର ଜିଲ୍ଲାୱାରି ପରିସଂଖ୍ୟନ ଏବଂ ଦେବଗଡ଼ ଜିଲ୍ଲାରେ ଆବେଦନକାରୀଙ୍କ ସଂଖ୍ୟା କେତେ, ଯୋଗ୍ୟ ଆବେଦନକାରୀଙ୍କୁ କେବେ ସୁଦ୍ଧା ରାଶନ କାର୍ଡ ମିଳିବ ?

----

## ଲାଭ ଜନକ ଚାଷ ପାଇଁ ସୁବିଧା

271 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ଼ ଜିଲ୍ଲା ଏକ ଶିଳ୍ପ ବିହୀନ ଜିଲ୍ଲା ଏଠାକାର ଜନସାଧାରଣ କୃଷି ଉପରେ ହିଁ ନିର୍ଭଳଶୀଳ, ଜିଲ୍ଲାରେ କେଉଁ କେଉଁ ପ୍ରକାରର ଲାଭଜନକ ଫସଲ ଚାଷ ହେଉଅଛି ଏବଂ ତା ପାଇଁ କେଉଁକେଉଁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସୁବିଧା ଯୋଗାଉଛନ୍ତି ?

----

## ଆତ୍ମା ଯୋଜନାରେ ଅନୁଦାନ ଯୋଗାଇବା

272 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକକୁ 2019/20 ଠାରୁ 2023/24 ଆର୍ଥିକ ବର୍ଷମାନଙ୍କରେ ଆତ୍ମା (ATMA) ଯୋଜନାରେ କେତେ ଅନୁଦାନ ଯୋଗାଇ ଦିଆଯାଇଛି, ସେହି ଅନୁଦାନର ବିନିଯୋଗର ତାଲିକା ଯୋଗାଇବା ସହ ସର୍ବମୋଟ କେତୋଟି ବୈଠକ ଆତ୍ମା କମିଟି ମାଧ୍ୟମରେ କରାହୋଇଛି ତାର ସୂଚନା ସହ ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକର ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି, ଆତ୍ମା କମିଟି କେବେ ଗଠନ କରାହୋଇଛି ତାର ସଭାପତି ଓ ସଭ୍ୟ ସଭ୍ୟାମାନଙ୍କର ତାଲିକା ଉପସ୍ଥାପନ କରିବେ କି ?

----

## ଶ୍ରୀ ଅନ୍ନ ଯୋଜନାକୁ ପ୍ରୋତ୍ସାହିତ

273 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ "ଶ୍ରୀ ଅନ୍ନ ଯୋଜନା" କୁ ପ୍ରୋତ୍ସାହିତ କରିବା ପାଇଁ ଓ ବିସ୍ମୃତ ଖାଦ୍ୟର ପୁନଃଉଦ୍ଧାର ପାଇଁ ଆଦିବାସୀ ସମ୍ପ୍ରଦାୟଙ୍କୁ ସାମିଲ କରି ଜଳବାୟୁ ସହନଶୀଳ ଶସ୍ୟକୁ ବ୍ୟାପକ କରିବାକୁ ଉକ୍ତ ବିଭାଗ କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ରାଜ୍ୟରେ ଥିବା ରାଇସମିଲ

274 **ଶ୍ରୀ ନୀହାର ରଞ୍ଜନ ମହାନନ୍ଦ (ଅତାବିରା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତୋଟି ରାଇସ ମିଲ୍ କେଉଁ କେଉଁ ସ୍ଥାନରେ ପ୍ରତିଷ୍ଠା ହୋଇଛି ତାର ଏକ ଜିଲ୍ଲାୱାରି ତାଲିକା ଦେବା ସହିତ ସେମାନଙ୍କର ବାର୍ଷିକ ଉତ୍ପାଦନ କ୍ଷମତା କେତେ ଓ ସେମାନେ କେତେ ଉତ୍ପାଦନ କରିଛନ୍ତି ଓ ଏଫ.ସି.ଆଇ ସମେତ କେଉଁମାନଙ୍କୁ ଚାଉଳ କେତେ ପରିମାଣରେ ଯୋଗାଇଛନ୍ତି ତାହାର ଏକ ତାଲିକା ବର୍ଷୱାରୀ ବିଗତ ତିନିବର୍ଷର ଦେବେ କି ?

----

## ଧାନ ଉତ୍ପାଦନର ଟାର୍ଗେଟ

275 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଖରିଫ ଏବଂ ରବି ଫସଲରେ ଧାନ ଉତ୍ପାଦନର କେତେ ଟାର୍ଗେଟ ନିର୍ଦ୍ଧାରଣ କରାଯାଇଛି, ସେଭଳି ମୁଗ, ବିରି ଏବଂ ଚିନା ବାଦାମର କେତେ ଟାର୍ଗେଟ ରଖାଯାଇଛି ଏହାର ଏକ ବିସ୍ତୃତ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ବିଦ୍ୟୁତ୍ ଉତ୍ପାଦନରେ ଖର୍ଚ୍ଚ

276 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ः**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବିଦ୍ୟୁତ୍ ଉତ୍ପାଦନ ହାଇଡ୍ରୋ ୟୁନିଟ୍ ପିଛା ଥରମାଲ୍ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ପିଛା ପବନ ଏବଂ ସୋଲାର୍ ଉତ୍ପାଦନ ୟୁନିଟ୍ ପିଛା କେତେ ଖର୍ଚ୍ଚ ହେଉଛି ; (ଖ) 2023 ବର୍ଷ କେଉଁ ଉତ୍ସରୁ କେତେ ବିଦ୍ୟୁତ୍ ଉତ୍ପାଦନ ହୋଇଛି, କେତେ ବିଦ୍ୟୁତ୍ ଅଭାବ ପଡିଲା କେଉଁଠାରୁ କେତେ ୟୁନିଟ୍ ପିଛା ଖର୍ଚ୍ଚରେ କିଣାଯାଇଛି, ଗ୍ରୀନ୍ ବିଦ୍ୟୁତ୍ ଉତ୍ପାଦନ ପାଇଁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ରାଜସ୍ଥାନ, ଗୁଜୁରାଟରେ ସଫଳ ହୋଇଥିବା ବେଳେ ଆମ ରାଜ୍ୟରେ କାହିଁକି ସୋଲାର୍ ଏନାର୍ଜିକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ବାହାର ରାଜ୍ୟରୁ ଆମଦାନୀ ହେଉଥିବା ଆଳୁ ପିଆଜ

277 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟର ଖାଉଟୀ ମାନଙ୍କ ଆବଶ୍ୟକତା ପୂରଣ ପାଇଁ କେତେ ଆଳୁ ଓ ପିଆଜର ଆବଶ୍ୟକତା ଅଛି, ରାଜ୍ୟରେ କେତେ ଉତ୍ପାଦନ ହେଉଛି, କେତେ ନିଅଣ୍ଟ ପଡୁଛି ଓ ନିଅଣ୍ଟ ଭରଣା ପାଇଁ କେଉଁ କେଉଁ ରାଜ୍ୟରୁ କେତେ ଆଳୁ ଓ ପିଆଜ ଆସୁଛି ତା'ର ବିଗତ ୩ ବର୍ଷର ବର୍ଷୱାରୀ ସବିଶେଷ ତଥ୍ୟ ଉତ୍ପାଦନ କରିବେ କି ; (ଖ) ରାଜ୍ୟରେ ଦେଖା ଦେଇଥିବା ଆଳୁ ଓ ପିଆଜ ସଙ୍କଟ ଦୂର ପାଇଁ ଜୁନ୍ ମାସରୁ ଏପର୍ଯ୍ୟନ୍ତ କେଉଁ କେଉଁ ରାଜ୍ୟରୁ କେତେ କେତେ ଆଳୁ ଓ ପିଆଜ ସାମଗ୍ରୀ କେଉଁ ପରିବହନ ମାଧ୍ୟମରେ ରାଜ୍ୟକୁ ଆସିଛି ?

----

## On line ରେ Ration Card ଆବେଦନ

278 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ On line Ration Card ନିମନ୍ତେ କେତେ ଜଣ ହିତାଧିକାରୀ ଆବେଦନ କରିଛନ୍ତି ଏବଂ ଯେଉଁ ହୀତାଧିକାରୀଙ୍କ ପରିବାରରୁ ଯେଉଁମାନେ ବାଦ ପଡିଛନ୍ତି ସେମାନଙ୍କ ନାମ ନୂତନ ଭାବରେ ଯୋଡିବା ପାଇଁ କି ପ୍ରକାର ବ୍ୟବସ୍ଥା ଅବଲମ୍ବନ କରିଛନ୍ତି ଓ କେବେ ସୁଦ୍ଧା ବଞ୍ଚିତ ପରିବାର ମାନଙ୍କୁ Ration Card ଯୋଗାଇଦେବେ କହିବେ କି ?

----

## ଧାର୍ଯ୍ୟ ସମୟସୀମା ମଧ୍ୟରେ ଧାନ ସଂଗ୍ରହ

279 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ः**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଚଳିତ ଆର୍ଥିକ ବର୍ଷରେ ସରକାର କେତେ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କ ଠାରୁ କ୍ରୟ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଧାନ ବିକ୍ରୟ କରିବା ପାଇଁ କେତେଜଣ ଚାଷୀ ଶେଷ ତାରିଖ ପର୍ଯ୍ୟନ୍ତ Online ରେ ପଞ୍ଜିକରଣ କରିଛନ୍ତି ଏବଂ ଜଣେ ଚାଷୀଙ୍କ ଠାରୁ କେତେ ପରିମାଣ (quintal) ଧାନ କ୍ରୟ କରିବାର ବ୍ୟବସ୍ଥା କରିଛନ୍ତି ଓ ପଞ୍ଜିକୃତ ଚାଷୀ ଯଦି ସରକାରଙ୍କ ଧାର୍ଯ୍ୟ ସୀମା ଠାରୁ ଅଧିକ ଧାନ ସରକାରଙ୍କୁ ବିକ୍ରୟ କରିବାକୁ ଚାହିଁବେ ତେବେ ସରକାର ସମାନ ମୂଲ୍ୟରେ କ୍ରୟ କରିବେ କି ?

----

## ଆଳୁ ଓ ପିଆଜ ଉତ୍ପାଦନ ପାଇଁ ପଦକ୍ଷେପ

280 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ୨୦୧୪ ମସିହାଠାରୁ ୨୦୨୪ ଶେଷ ସୁଦ୍ଧା ମୟୂରଭଞ୍ଜରେ ବର୍ଷୱାରୀ କେତେ ପରିମାଣର ଧାନ, ଡ଼ାଲି ଜାତୀୟ ଫସଲ, ରବି ଜାତୀୟ ଫସଲ ଏବଂ ଆଳୁ ଓ ପିଆଜ ଉତ୍ପାଦନ ହୋଇଛି ?

----

## ଉତ୍ପାଦିତ ଧାନର ପରିମାଣ

281 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- (କ) ରାଜ୍ୟରେ ଗତ ବର୍ଷ(2023) କେତେ ଧାନ ଉତ୍ପାଦିତ ହୋଇଥିଲା-2024ର ଆକଳନ କଣ ; ଆବଶ୍ୟକତା ଠାରୁ (ରାଜ୍ୟରେ) କେତେ ଧାନ ବଳକା ହେଲା-କେତେ ଧାନ କେଉଁ ରାଜ୍ୟକୁ ରପ୍ତାନୀ ହେଲା ; (ଖ) ଆମ ରାଜ୍ୟରେ ଆବଶ୍ୟକତା ଠାରୁ କେତେ ଚାଉଳ କମ୍ ବା ଅଧିକ ହେଉଛି, କମ୍ ହେଲେ କେଉଁ ରାଜ୍ୟରୁ 2022 ଓ 2023 ବର୍ଷ ଆମଦାନୀ କରାଯାଇଛି?

----

## ଆଳୁ ମିଶନର ପୁନଃ ପ୍ରଚଳନ

282 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ପୂର୍ବ ସରକାରଙ୍କର ଆଳୁ ମିଶନର ସମ୍ପୂର୍ଣ୍ଣ ବିଫଳ ହେତୁ ପୁନଃ ପ୍ରଚଳନ ପାଇଁ ପଦକ୍ଷେପ ନେବେ କି ଓ ଅଦା, ଅଳସୀ ଓ ମାଣ୍ଡିଆ ପାଇଁ ମିଶନ ସ୍ଥାପନ କରିବେ କି ?

----

## ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ

283 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ବିଗତ 5 ବର୍ଷ ମଧ୍ୟରେ ରାଜ୍ୟର ସୀମାନ୍ତବର୍ତ୍ତୀ ଗ୍ରାମାଞ୍ଚଳରେ ବିଶେଷ କରି ଆଦିବାସୀ ଅଧିଷ୍ଠିତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ତାହାର ଏକ ତାଲିକା ଉପସ୍ଥାପନ କରିବେ କି?

----

## କାଳିଆ ଯୋଜନାରେ ଅର୍ଥ ପ୍ରଦାନ

284 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ସରକାର ସମୟରେ କାଳିଆ ଯୋଜନା କେଉଁ କେଉଁ ଜିଲ୍ଲାକୁ କେତେ ଅର୍ଥ ପ୍ରଦାନ କରିଛନ୍ତି ଓ ବିଶେଷ କରି କୋରାପୁଟ ଜିଲ୍ଲାର ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ତାହାର ଏକ ତାଲିକା ଉପସ୍ଥାପନା କରିବେ କି?

----

## ଧାନ କ୍ରୟର ତାଲିକା

285 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷ ମଧ୍ୟରେ କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ସର୍ବମୋଟ କେଉଁ କେଉଁ ଧାନ ମଣ୍ଡିରେ କେତେ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି ତାହାର ଏକ ତାଲିକା ଉପସ୍ଥାପନା କରିବେ କି?

----

## SHG ଗୁଡିକ ପାଇଁ ବଜାର ବ୍ୟବସ୍ଥା

286 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଣତାରକା ପ୍ରଶ୍ନ107ର 24-07-2024ରେ ପ୍ରଦତ୍ତ ଉତ୍ତର ଆଧାରରେ, ଛତିଆବଟ କଳତନ୍ତ ୟୁନିଟ୍ ଯଦିଓ ବନ୍ଦ ହୋଇଯାଇଛି କିନ୍ତୁ ଏଠିକାର 0.54 ଏକର ଜମି ଖାଲି ପଡିଛି ; ରାଜ୍ୟର ଏହିଭଳି ଅନେକ ସୂତାକଳ-ଲୁଗାକଳ ବନ୍ଦ ହୋଇପଡିଛି ; ସେଠାକାର ଅବ୍ୟବହୃତ ଜାଗାକୁ ବ୍ୟବହାର କରିବା ପାଇଁ ସରକାର କିଛି ନିଷ୍ପତ୍ତି ନେଇଛନ୍ତି କି ; ଯଦି ହଁ ତେବେ କଣ ସବୁ ନିଷ୍ପତ୍ତି ନିଆଯାଇଛି ; ଯଦି ନା ତେବେ ସେହି ଅବ୍ୟବହୃତ ଜାଗାକୁ PPP ମୋଡରେ କପଡା ଓ ବସ୍ତ୍ରର ବିକ୍ରୟ ନିମନ୍ତେ ଅତ୍ୟାଧୁନିକ ସପିଂ ମଲ୍ କିମ୍ବା ପ୍ରତିଷ୍ଠିତ ବୁଣାକାରଙ୍କ ପାଇଁ ଅଥବା ବୟନ ଶିଳ୍ପ ସହ ସମ୍ପୃକ୍ତ ଥିବା SHG ଗୁଡିକ ପାଇଁ ବଜାର ବ୍ୟବସ୍ଥା ସରକାର କରିବେ କି?

----

## କୃଷି ବଜେଟ୍ ଅନୁଦାନ

287 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସ୍ୱତନ୍ତ୍ର କୃଷି ବଜେଟ୍ କେବେ ଠାରୁ ଆରମ୍ଭ ହୋଇଛି ; ଆରମ୍ଭରୁ ଚଳିତ ଆର୍ଥିକ ବର୍ଷ ଯାଏ ସ୍ୱତନ୍ତ୍ର କୃଷି ବଜେଟର ଅନୁଦାନ କେତେ ଏବଂ କେତେ ବ୍ୟୟ ହୋଇଛି ତାହାର ତଥ୍ୟ ବର୍ଷୱାରୀ ପ୍ରଦାନ କରିବେ କି?

----

## ଫସଲ କ୍ଷୟକ୍ଷତି ପୂରଣ ପାଇଁ ପଦକ୍ଷେପ

288 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବନ୍ୟା ଓ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କଣ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ PM ଫସଲ ବୀମା ଯୋଜନାରେ ଫସଲ କ୍ଷତିର ଭରଣା ପାଇଁ ଆବେଦନ କରିବାକୁ ପଡିଥାଏ ; ଯଦି ହଁ ତେବେ ବାତ୍ୟା ଦାନା ପରେ ଯାଜପୁର ଜିଲ୍ଲାର କେତେ ଚାଷୀ PM ଫସଲ ବୀମା ଯୋଜନାରେ ଫସଲ କ୍ଷତିର ଭରଣା ପାଇଁ ଆବେଦନ କରିଛନ୍ତି ତାହାର ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି?

----

### Markfed ର କାର୍ଯ୍ୟାଳୟ ନିର୍ମାଣ

289 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅଣତାରକା ପ୍ରଶ୍ନ 2549 ର 28 ଅଗଷ୍ଟ 2024 ରେ ପ୍ରଦତ୍ତ ଉତ୍ତର ଆଧାରରେ MARKFED ର ନିୟମିତ MD ନିୟୋଜନ ପାଇଁ ସରକାର ପଦକ୍ଷେପ ନେଇଥିଲେ, କେବେ ସୁଦ୍ଧା MARKFEDର ଦାୟିତ୍ୱ ଜଣେ ନିୟମିତ MDଙ୍କୁ ପ୍ରଦାନ ହେବ ; MARKFED ର କମ୍ପ୍ୟୁଟରୀକରଣ ନାଁରେ ଆବଶ୍ୟକ ଠାରୁ ଅଧିକ ଅର୍ଥ ବ୍ୟୟ ହେବାକଥା ସତ୍ୟ କି ; ଯଦି ହଁ ତାହେଲେ ଅଧିକ ଅର୍ଥ ବ୍ୟୟ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ସେହି ଟଙ୍କାକୁ ଫେରସ୍ତ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି କି ; MARKFED ର ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଳମ୍ବର କାରଣ କଣ ; ନିର୍ମାଣ କେବେ ଆରମ୍ଭ ହେବ ଏବଂ କେଉଁ ସଂସ୍ଥାକୁ ପ୍ରଦାନ ହୋଇଛି?

----

### PM ସୂର୍ଯ୍ୟଘର ଯୋଜନାକୁ ଲୋକାଭୀମୁଖୀ କରିବାକୁ ପଦକ୍ଷେପ

290 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- PM ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ବଡଚଣା ବ୍ଲକ ଏବଂ ଓଡିଶାର କେତେଜଣ ଉପଭୋକ୍ତା ପଞ୍ଜିକରଣ କରିଛନ୍ତି ସେମାନଙ୍କୁ କେତେ ଟଙ୍କାର ସବସିଡି ପ୍ରଦାନ କରାଯାଇଛି ; ଏହି ଯୋଜନାର ବିଭିନ୍ନ ସ୍କିମକୁ ଲୋକାଭୀମୁଖୀ କରିବା ନିମନ୍ତେ ରାଜ୍ୟ ସରକାର କଣ ସବୁ ପଦକ୍ଷେପ ନେଇଛନ୍ତି?

----

### Number of Consumers installed with Smart Electricity Meters

291 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

(a) The details number of the residential house / shops and commercial consumers enlisted under TPCODL, Athgarh) category / slab-wise in Athagarh Rev. Sub- division; electrical section wise / unit wise severally and individually. (b) How many of the above consumers have been installed with

smart electricity meters and from which year on ? Whether some consumers have complained that they are getting double or triple electricity bills than before, the installation of such new smart electricity meters?

----

## ପ୍ରାଣୀଧନ ସେବା କେନ୍ଦ୍ରରେ ଚିକିତ୍ସକ ପଦବୀ ପୂରଣ

292 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପଞ୍ଚାୟତସ୍ତରରେ ପଶୁମାନଙ୍କ ଚିକିତ୍ସା ପାଇଁ ଗଢ଼ି ଉଠିଥିବା ପ୍ରାଣୀଧନ ସେବା କେନ୍ଦ୍ର LI Centre ଗୁଡିକ ଅଚଳ ହେବା ପାଇଁ ବସିଲାଣି, କାରଣ ଏଥିରେ ଆବଶ୍ୟକୀୟ ଚିକିତ୍ସକ ନାହାଁନ୍ତି। ତେଣୁ ଏହି ପଦବୀ ପୁରଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନେବେ କି ?

----

## ନୂତନ ଉପଖଣ୍ଡ ସ୍ତରୀୟ ଶୀତଳ ଭଣ୍ଡାର ପ୍ରତିଷ୍ଠା

293 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର ପ୍ରତି ସବ-ଡିଭିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ସରକାର ବିଧାନ ସଭାରେ ଘୋଷଣା କରିଛନ୍ତି । ମାନ୍ୟବର ମନ୍ତ୍ରୀ କହିବେ କି ଏଥିପାଇଁ ଆଜି ସୁଦ୍ଧା କ'ଣ ସବୁ ପଦକ୍ଷେପ ନିଆ ଯାଇଛି? କେଉଁ ବିଭାଗର ବଜେଟରେ ଏଥପାଇଁ କେତେ ବ୍ୟୟ ବରାଦ କରାଯାଇଛି ଏବଂ କେତେ ନମ୍ବର ଖର୍ଚ୍ଚ ଦାବିରେ ଏହାର ପ୍ରାବଧାନ କରାଯାଇଛି? ଆସନ୍ତା ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କେତେଗୋଟି ନୂତନ ଉପଖଣ୍ଡ ସ୍ତରୀୟ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ସରକାର ଯୋଜନା କରିଛନ୍ତି ତାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## ଆଳୁ ବିହନ କିଣିବାକୁ ଯୋଜନା

294 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କେତେ ଟଙ୍କା ପ୍ରବଧାନ କରିଛନ୍ତି। ଏହା ଗତ ଆର୍ଥିକ ବର୍ଷ ତୁଳନାରେ କେତେ ଅଧିକ। ରବି ଆଳୁ ଚାଷ କରିବା ପାଇଁ ଆଳୁ ଚାଷୀଙ୍କୁ ସୁଲଭ ମୂଲ୍ୟରେ ଆଳୁ ବିହନ ଯୋଗାଇବାକୁ ସରକାର କେତେ ଆଳୁ ବିହନ କିଣିବାକୁ ଯୋଜନା କରିଛନ୍ତି, ଏବଂ ଏହି ଆଳୁ ବିହନ ଯୋଗାଇବା ପାଇଁ କେଉଁ କେଉଁ ସଂସ୍ଥାଙ୍କୁ ଦାୟିତ୍ୱ ଦିଆ ଯାଇଛି। ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷରେ ରବି ଋତୁରେ ରାଜ୍ୟର ଆଳୁ ଚାଷ ପାଇଁ କେଉଁ ଜିଲ୍ଲାକୁ କେତେ ପରିମାଣର ଆଳୁ ବିହନ ଯୋଗାଇ ଦିଆଯାଇଛି ତାର ଜିଲ୍ଲାୱାରୀ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ବ୍ୟବହାର ହେଉଥିବା ରାସାୟନିକ ସାର ଓ କୀଟନାଶକର ବିବରଣୀ

295 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବାର୍ଷିକ ଉତ୍ପାଦିତ ଫସଲର କେତେ ଶତାଂଶ ରୋଗ ପୋକ ଯୋଗୁଁ ନଷ୍ଟ ହେଉଛି । (ଖ) ଅଧୁନା ରୋଗପୋକ ଦାଉରୁ ଫସଲ ରକ୍ଷା କରିବା ପାଇଁ ରାଜ୍ୟରେ ହେକ୍ଟର ପିଛା କେତେ ଗ୍ରାମ / ମିଲି ଗ୍ରାମ କୀଟନାଶକ ପ୍ରୟୋଗ କରାଯାଉଛି ଏବଂ ରାଜ୍ୟରେ ବାର୍ଷିକ ସମୁଦାୟ କେତେ ରାସାୟନିକ ସାର ଓ କୀଟନାଶକ ଗତ ତିନି ବର୍ଷରେ ବ୍ୟବହାର କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବା ସହ ରାଜ୍ୟର ଜୈବିକ ଚାଷର ମଧ୍ୟ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିବେକି ?

----

## କ୍ଷତିଗ୍ରସ୍ତ ମାଛ ଚାଷର ଆକଳନ

296 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର/ବସ୍ତା ବ୍ଲକରେ କ୍ରମାଗତ ବର୍ଷା, ବନ୍ୟା ଓ ବାତ୍ୟାଦ୍ୱାରା କେତେ ମାଛଚାଷ କ୍ଷତିଗ୍ରସ୍ତ ହୋଇଛି ତାହା ଗ୍ରାମପଞ୍ଚାୟତୱାରୀ ଆକଳନ ହୋଇଛି କି ; ଏହି କ୍ଷତିର ଭରଣା ପାଇଁ ସରକାରଙ୍କ ବ୍ୟବସ୍ଥା ଓ ନିର୍ଦ୍ଦେଶ କଣ?

----

## SFSA ରେ ରେସନ ପାଉଥିବା ପରିବାର ସଂଖ୍ୟା

297 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- SFSA ରେ ରେସନ ପାଉଥିବା ଜଳେଶ୍ୱର ବ୍ଲକ/ମ୍ୟୁନିସିପାଲିଟିର ପରିବାର ସଂଖ୍ୟା କେତେ ; ରେସନ ନେଉନଥିବା ପରିବାର ସଂଖ୍ୟା କେତେ ; କେଉଁ କାରଣରୁ ସେମାନଙ୍କ ରେସନ୍ ବନ୍ଦ ଅଛି ଓ ଖାଲିଥିବା ସ୍ଥାନରେ ନୂଆ ଖାଉଟୀଙ୍କୁ ରେସନ୍ ଦେବା ସଂକ୍ରାନ୍ତରେ ରୂପରେଖ କଣ?

----

## ନଷ୍ଟ ହୋଇଥିବା ଧାନ ଚାଷ ଓ ପନିପରିବା ଚାଷର ଆକଳନ

298 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଳେଶ୍ୱର / ବସ୍ତା ବ୍ଲକରେ ଚଳିତ ବର୍ଷ କ୍ରମାଗତ ବର୍ଷା, ବନ୍ୟା, ଦାନା ବାତ୍ୟାରେ ଧାନ ଚାଷ ସହିତ ପନିପରିବା , ଫଳଚାଷ କେତେ ପରିମାଣରେ ନଷ୍ଟ ହୋଇଛି ତାହା ହେକ୍ଟର ପିଛା କେତେ , ଏହାର ସଠିକ ଆକଳନ ହୋଇଛି କି, ଯଦି ହୋଇଥାଏ ତେବେ ସରକାର କେଉଁ ଆଧାରରେ ତଥ୍ୟ ଉପସ୍ଥାପନ କରିବେ ?

----

## ବାଲେଶ୍ୱର ଠାରେ ପ୍ଲାନେଟୋରିୟମ୍ ନିର୍ମାଣ

299 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେଉଁ ଜିଲ୍ଲାରେ କେଉଁଠାରେ ପ୍ଲାନେଟୋରିୟମ୍ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଛି, କେଉଁଠାରେ ନିର୍ମାଣ କାର୍ଯ୍ୟ ଚାଲୁରହିଛି, ଚଳିତ ବର୍ଷ ପାଇଁ କେଉଁ ଜିଲ୍ଲାରେ ନିର୍ମାଣ ହେବାର ଯୋଜନା ଓ ନୀତି ପ୍ରଣୟନ ହୋଇସାରିଛି କିମ୍ବା ପ୍ରସ୍ତାବ ବିଚାରାଧିନ ଅଛି ସରକାର ଏହାର ସଠିକ ତଥ୍ୟ ଉପସ୍ଥାପନ କରିବେକି ବାଲେଶ୍ୱର ଠାରେ ପ୍ଲାନେଟୋରିୟମ୍ ନିର୍ମାଣ ସକାଶେ କୌଣସି ପଦକ୍ଷେପ ନିଆଯାଇଛି କି ?

----

**Science Park ପ୍ରତିଷ୍ଠା ନିମନ୍ତେ Present Status**

300 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲେଶ୍ୱର ଠାରେ Science Park ପ୍ରତିଷ୍ଠା ନିମନ୍ତେ ସରକାରଙ୍କର Present Status କଣ, ପଦକ୍ଷେପ କେଉଁ ସ୍ତରରେ, ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ ହେଲାଣି କି, ଯଦି ହୋଇଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟକ୍ରମ କ'ଣ ?

----

**Ration goods for persons with disabilities**

301 **Smt. Sofia Firdous (Barabati-cuttack):**

Will the Minister for **Food Supplies & Consumer Welfare** be pleased to state that:-:- (a) In light of the new POS- connected weighing machines at retail outlets under the public distribution system, how does the government plan to facilitate access to ration goods for persons with disabilities, elderly individuals living alone, and those physically unable to visit these outlets, (b) Has the government implemented any alternative arrangements or assistance to ensure these individuals receive their entitled goods without needing to visit the retail outlets, if so, share details ?

----

**E-Kye ସମ୍ପାଦନ କରୁଥିବା ବିକ୍ରେତାମାନଙ୍କୁ ପ୍ରାପ୍ୟ ପ୍ରଦାନ**

302 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ)E- kye ବ୍ୟବସ୍ଥା ଏକ ନିରନ୍ତର ପ୍ରକ୍ରିୟା କି, (ଖ)ଏହି E-Kye କାର୍ଯ୍ୟ ସମ୍ପାଦନ କରୁଥିବା ଖୁଚୁରା ବିକ୍ରେତାମାନଙ୍କୁ, କୌଣସି ପ୍ରାପ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି କି?

----

**ଆଗୁଆ ବଣ୍ଟନ ବାବଦ ପାରିଶ୍ରମିକ ଦେବାର ବ୍ୟବସ୍ଥା**

303 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ସାଧାରଣ ବଣ୍ଟନ ବ୍ୟବସ୍ଥା ନିୟମ ଅନୁଯାୟୀ ଖୁଚୁରା ବିକ୍ରେତାମାନଙ୍କୁ ସାମଗ୍ରୀ ବଣ୍ଟନ ପାଇଁ ଆଗୁଆ ବଣ୍ଟନ ବାବଦ ପାରିଶ୍ରମିକ ଦେବାର ନିୟମ ରହିଛି କି , ଯଦି ହଁ, (ଖ) ସେହିପରି ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସାମଗ୍ରୀ ବଣ୍ଟନ ସମାପ୍ତର ଦଶଦିନ ପରେ ଖୁଚୁରା ବିକ୍ରେତାମାନଙ୍କୁ ସେମାନଙ୍କର ବଣ୍ଟନ ବାବଦରେ ପାରିଶ୍ରମିକ ପ୍ରଦାନ ଖୁଚୁର ବିକ୍ରେତାମାନଙ୍କ ପଞ୍ଜୀକୃତ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବାର ଏକ ସରକାରୀ ନିର୍ଦ୍ଦେଶନାମା ରହିଛି କି, ଏସବୁ ସତ୍ତ୍ୱେ ବର୍ଷବର୍ଷ ଧରି ସେମାନଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ, ଯଦି ଏହା ସତ୍ୟ ତେବେ ଏହି ସମସ୍ୟା କେବେ ସମାଧାନ କରାଯିବ ଓ କେବେସୁଦ୍ଧା ସେମାନଙ୍କ ସମସ୍ତ ବକେୟା ପାରିଶ୍ରମିକ ରାଶି ପ୍ରଦାନ କରାଯିବ ?

----

**Number of employees working in the TPCODL**

**304 ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (a) The total number of employees working in the TPCODL division office in Cuttack district. (b) of these employees, how many are local residents of Cuttack, how many are from other regions of Odisha, and how many are from outside the state, and What steps, if any, are being taken to increase the employment of local residents in the TPCODL Cuttack division office?

----

**Delay in the supply of ration to the families affected by the Amba Takua**

**305 Smt. Sofia Firdous (Barabati-cuttack):**

Will the Minister for **Food Supplies & Consumer Welfare** be pleased to state that:-:-

(a) What were the reasons for the delay in the supply of ration to the families affected by the Amba Takua (Mango Kernel) incident in Kandhamal district , (b) Who is responsible for this delay, and what steps have been taken to ensure timely distribution of ration in similar situations in the future, has any compensation been provided to the families of the deceased and those hospitalized due to this incident, If so will the Govt. provide details of the compensation amount and the process followed ?

----

**ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମାଥେମାଟିକାଲ୍ ସାଇନସେସ୍‌ରେ ଆଧୁନିକୀକରଣ**

**306 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜଟଣୀ ନିର୍ବାଚନ ମଣ୍ଡଳୀର ଅନ୍ଧାରୁଆଠାରେ ପ୍ରତିଷ୍ଠିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥେମାଟିକାଲ୍ ସାଇନସେସ୍‌ରେ ଅଦ୍ୟାବଧି କେତେଜଣ ବିଦ୍ୟାର୍ଥୀଙ୍କୁ ସ୍ନାତକୋତ୍ତର, ଗବେଷଣା ଶିକ୍ଷା ପ୍ରଦାନ କରାଯାଇଛି, ଏହି ଅନୁଷ୍ଠାନର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ବ୍ୟବସ୍ଥା କରି ଏହାକୁ ଏକ ବିଶ୍ୱସ୍ତରୀୟ ଗଣିତ ପ୍ରତିଷ୍ଠାନରେ ପରିଣତ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ପି.ଏମ୍.ଇ.ଜି.ପି. ଋଣ ପ୍ରଦାନ

307 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲାର କେଉଁ ପୌରସଂସ୍ଥା ଓ ବ୍ଲକରେ କେତେଜଣଙ୍କୁ ପି.ଏମ୍.ଇ.ଜି.ପି. ଋଣ ବିଗତ ଚାରି ବର୍ଷରେ ଯୋଗାଇ ଦିଆଯାଇଛି, ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ କ୍ଷୁଦ୍ର ଶିଳ୍ପାୟନ ନିମନ୍ତେ ଋଣ ଯୋଗାଇ ଦେବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ କସ୍ତା ଶାଢୀର ବଜାର ବ୍ୟବସ୍ଥା

308 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଖୋର୍ଦ୍ଧା ଜିଲ୍ଲାର କେଉଁଠାରେ କେତେଗୋଟି ପାୱାରଲୁମରେ ଖୋର୍ଦ୍ଧା କସ୍ତା, ଖୋର୍ଦ୍ଧା ଗାମୁଛା ଓ ଲୁଙ୍ଗି ବୁଣାଯାଉଛି ଓ ବାର୍ଷିକ କେତେ କସ୍ତା ଗାମୁଛା ଓ ଲୁଙ୍ଗି ଉତ୍ପାଦିତ ହେଉଛି, ଏହା ମାଧ୍ୟମରେ କେତେଜଣ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁବିଧା ପାଉଛନ୍ତି ପ୍ରକାଶ କରି ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ କସ୍ତା ଶାଢୀର ବଜାର ବ୍ୟବସ୍ଥା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଋଣ ଓ ସବ୍‌ସିଡ୍ ପାଇଥିବା ମତ୍ସ୍ୟଚାଷୀଙ୍କ ସଂଖ୍ୟା

309 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବିଗତ ତିନି ବର୍ଷରେ ଖୋର୍ଦ୍ଧା ଜିଲ୍ଲାରେ କେଉଁ ବ୍ଲକରେ କେତେଜଣ ମତ୍ସ୍ୟଚାଷୀଙ୍କୁ ମତ୍ସ୍ୟଚାଷ ନିମନ୍ତେ କେତେ ଋଣ ଓ ସବ୍‌ସିଡ୍ ଯୋଗାଇ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଆବଣ୍ଟନ ଜମିର ପରିମାଣ

310 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ନିମନ୍ତେ ଭୁବନେଶ୍ୱର ସହରର କେଉଁ ସ୍ଥାନରେ କେତେ ଜମି ଆବଣ୍ଟନ ହୋଇଛି, ଏହି ଜମିରୁ କେତେଜମି ଜବରଦଖଲ ହୋଇଛି, ଏହାକୁ ଜବରଦଖଲ ମୁକ୍ତ କରି ଏଠାରେ ବ୍ୟାଙ୍କ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି ପାଇଁ ପଦକ୍ଷେପ

311 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲା ବିଶେଷକରି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଉତ୍ପାଦିତ ନଡ଼ିଆକତାରୁ ଜାଲେଣୀ ଓ ଜୈବିକ ଖତ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ନଡ଼ିଆ ଷଢ଼େଇ ଓ ନଡ଼ିଆକତାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ

312 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନଡ଼ିଆ ଷଢ଼େଇ ଓ ନଡ଼ିଆକତାରୁ ଖେଳଣା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ମାଛ ଚାଷ ମାଧ୍ୟମରେ ଆତ୍ମନିଯୁକ୍ତି

313 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାର ସତ୍ୟବାଦୀ ଓ କଣାସ ବ୍ଲକରେ ବ୍ୟବସାୟୀକ ମାଛ ଜାଆଁଳ ଉତ୍ପାଦନ ଓ ମାଛ ଚାଷ ମାଧ୍ୟମରେ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଆତ୍ମନିଯୁକ୍ତି ପାଇଁ ଋଣ ପ୍ରଦାନ

314 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ସତ୍ୟବାଦୀ ଓ କଣାସ ବ୍ଲକରେ କେଉଁ ସଂସ୍ଥା ତରଫରୁ କେତେଜଣ ହିତାଧିକାରୀଙ୍କୁ କୃଷି ଓ ଅନ୍ୟ ଆତ୍ମନିଯୁକ୍ତି ଋଣ ପ୍ରଦାନ କରାଯାଇଛି, ତାହାର ବର୍ଷୱାରୀ ଓ ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ

315 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ଦୁଇ ବର୍ଷରେ କେନ୍ଦୁଝର ଜିଲ୍ଲାର କେତେଗୋଟି ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ ବ୍ୟବସ୍ଥା ହୋଇଥିଲା ଓ ସମବାୟ ସଂସ୍ଥାମାନେ ଏ ବାବଦରେ କେତେ ଅର୍ଥ ଆୟ କରିଥିଲେ ଓ ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାରେ ସମବାୟ ସଂସ୍ଥା ମାଧ୍ୟମରେ କେତେ ମିଲିଅନ୍ ଟନ୍ ଧାନ କ୍ରୟ ପାଇଁ ସରକାର ଯୋଜନା କରିଛନ୍ତି ?

----

## ପ୍ରତ୍ୟେକ ଦେବା ଦେବୀ ମନ୍ଦିରରେ OMFED ଘିଅ ବ୍ୟବହାର

316 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ଦେଶୀ ଗାଈ ପାଳନ ନିମନ୍ତେ ପ୍ରୋତ୍ସାହନ

317 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କେଉଁ ଜିଲ୍ଲାରେ କେତେ ଗୋସମ୍ପଦ ଥିଲାବେଳେ କେଉଁ ଜିଲ୍ଲାର ବିଗତ ତିନି ବର୍ଷରେ କେତେ ଦୁଗ୍ଧ ସଂଗ୍ରହ ହୋଇଛି, ପ୍ରକାଶ କରି ରାଜ୍ୟରେ ଗୋ ସମ୍ପଦ ପାଳନ ବିଶେଷ କରି ଦେଶୀ ଗାଈ ପାଳନ ନିମନ୍ତେ ଦୁଗ୍ଧଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କେନ୍ଦୁଝର ଜିଲ୍ଲାରେ MSMEପାର୍କ ପ୍ରତିଷ୍ଠା

318 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନେଇ କେଉଁ କେଉଁ ସ୍ଥାନରେ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା କରିଛନ୍ତି ଓ ଜିଲ୍ଲାରେ ଅଧିକ ଏମ୍.ଏସ୍.ଏମ୍.ଇ. ପାର୍କ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଟସର ଚାଷ ଦ୍ୱାରା ଆତ୍ମନିଯୁକ୍ତି

319 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର କେଉଁ ଜିଲ୍ଲାରେ କେତେ ହେକ୍ଟର ଜମିରେ ଟସର ଚାଷ ହୋଇ ତାହା ମାଧ୍ୟମରେ କେତେ ପରିବାରକୁ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରାଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି, ଏବଂ (ଖ) ଉତ୍ପାଦିତ ଟସରକୁ ବିନିଯୋଗ କରି କେତେ ଟସର ବସ୍ତ୍ର ଉତ୍ପାଦିତ ହେବା ସହ କେତେ ବୁଣାକାର ଏହା ମାଧ୍ୟମରେ ଆତ୍ମନିଯୁକ୍ତିର ସୁଯୋଗ ପାଇଛନ୍ତି ?

----

### Revision of quota under NFSA

320 **Shri Ganeswar Behera (Kendrapara):**

Will the Minister for **Food Supplies & Consumer Welfare** be pleased to state that:-:- Has the State Govt. moved the Central Govt. for revision of quota under NFSA in view of increased population since last Census 2011, if yes, the details there of?

----

### Re-introduce Biju Jyoti Scheme

321 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (a) Will the Govt. consider to re-introduce Biju Jyoti Scheme to cover left out poor families to avail electricity connection free of cost, (b) What is the total number of beneficiaries under Biju Jyoti Scheme in the State districtwise?

----

### ଫସଲ ଉତ୍ପାଦନର ସର୍ବେକ୍ଷଣ

322 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା କୃଷି ବିଶ୍ୱବିଦ୍ୟାଳୟ ତରଫରୁ କେଉଁ କେଉଁ ଜିଲ୍ଲାରେ କି କି ଫସଲ ଉତ୍ପାଦନ ହୋଇପାରିବ ତାର ସର୍ବେକ୍ଷଣ କରାଯାଇଛି କି, ଯଦି ହଁ ଏହାର ବିଷଦ ବିବରଣୀ ଉପସ୍ଥାପନ କରିବେକି?

----

### ଇ ଶ୍ରମପୋର୍ଟାଲରେ ପଂଜିକୃତ କାର୍ଡଧାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ

323 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଇ ଶ୍ରମପୋର୍ଟାଲରେ ପଂଜିକୃତ ହୋଇଥିବା ଶ୍ରମିକ କାର୍ଡଧାରୀ ବ୍ୟକ୍ତିମାନଙ୍କୁ କେଉଁ କେଉଁ ଜିଲ୍ଲାରେ କେତେ କେତେ ସଂଖ୍ୟାରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଅଛି, (ଖ) ଏହି ପ୍ରକ୍ରିୟାରେ ହିତାଧିକାରୀ ତାଲିକାରୁ ବଂଚିତ ହୋଇଥିବା ଶ୍ରମିକ କାର୍ଡଧାରୀଙ୍କୁ ସଂଖ୍ୟା କେତେ ତାର ଏକ ଜିଲ୍ଲାୱାରୀ ତାଲିକା ଦେବେକି?

----

## ଦାନା ବାତ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଫସଲର ବିବରଣୀ

324 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକର କେଉଁ କେଉଁ ପଂଚାୟତରେ ଗତ ଅକ୍ଟୋବର 24 25 ଦାନା ବାତ୍ୟା ଦ୍ୱାରା କି କି ଫସଲ କ୍ଷତି ହୋଇଛି ତାର ଏକ ବିଷଦ ବିବରଣୀ ଉପସ୍ଥାପନ କରିବେକି?

----

## କେନ୍ଦ୍ରାପଡା ଜିଲ୍ଲାରେ IDCO ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମି

325 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ MSME Park ନିର୍ମାଣ କରି କ୍ଷୁଦ୍ର, ଅଣୁ ଏବଂ ମଧ୍ୟମ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର IDCO ଦ୍ୱାରା ଜମି ଅଧିଗ୍ରହଣ କରୁଛନ୍ତି ଓ ଏଥିପାଇଁ ରାଜ୍ୟରେ ଏକ Land Bank କାର୍ଯ୍ୟ କରୁଛନ୍ତି, କେନ୍ଦ୍ରାପଡା ଜିଲ୍ଲାରେ କେଉଁ କେଉଁ ସ୍ଥାନରେ କେତେ ଜମି IDCO ଦ୍ୱାରା ଅଧିଗ୍ରହଣ କରାଯାଇଅଛି ଓ ସେ ସବୁଥିରେ କେଉଁ କେଉଁ Industrial cluster ନିର୍ମାଣ କରାଯିବ ଜଣାଇବେକି?

----

## Manufacturing Unit ପ୍ରତିଷ୍ଠା ପାଇଁ ପଦକ୍ଷେପ

326 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା Garment Manufacturing ଶିଳ୍ପ ପ୍ରତିଷ୍ଠା କରି ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ପାଇଁ ସରକାର ଯୋଜନା ପ୍ରଣୟନ କରିଛନ୍ତି କି, ଯଦି ହଁ, ତେବେ ରାଜ୍ୟରେ ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ବଗପାଟିଆ ଥଇଥାନ କଲୋନୀରେ ଏହିଭଳି ଏକ Garment Manufacturing Unit ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରିବେକି?

----

## ମତ୍ସ୍ୟଜୀବିଙ୍କ ପାଇଁ ବିକଳ୍ପ ଜୀବନଜିବିକା ବ୍ୟବସ୍ଥା

327 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଭିତରକନିକା ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ ଓ ଗହିରିମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ 7 ମାସ ମତ୍ସ୍ୟଜୀବିମାନେ ସମୁଦ୍ର ଏବଂ ନଦୀନାଳ ମଧ୍ୟରେ ମାଛଧରା ବାରଣ କରାଯିବା ଫଳରେ ଗରୀବ ମତ୍ସ୍ୟଜୀବି ପରିବାର ଏହି ସମୟରେ ରୋଜଗାର ହରାଇଥାନ୍ତି, ସେମାନଙ୍କ ଜୀବିକା ପାଇଁ ସରକାର କଣ ବିକଳ୍ପ ବ୍ୟବସ୍ଥା କରିଛନ୍ତି ଜଣାଇବେକି?

----

## ସଚିବ ନିଯୁକ୍ତି ପାଇଁ ପଦକ୍ଷେପ

328 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ː**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ଥିବା ପ୍ରାଥମିକ କୃଷି ସମବାୟ ସମିତି (PACS) ଗୁଡିକରେ Cadre Secretary ନଥିବା କାରଣରୁ ଅନେକ ସ୍ଥାନରେ Asst- Secretary ମାନେ Secretary ଦାୟିତ୍ୱରେ ରହିଛନ୍ତି ଫଳରେ PACS ଗୁଡିକ ଦୁର୍ନିତିର ଗନ୍ତାଘରରେ ପରିଣତ ହୋଇଯାଇଛି ଓ କୃଷକ ମାନେ ଶୋଷଣର ଶିକାର ହେଉଛନ୍ତି ଏହିସବୁ PACS ଗୁଡିକରେ District Recruitment ଜରୀଆରେ Secretary ନିଯୁକ୍ତି କରିବାପାଇଁ ବ୍ୟବସ୍ଥା କରିବେ କି ?

----

## 63 KVA Transformer ବସାଇବା ପାଇଁ ପଦକ୍ଷେପ

329 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଦ୍ୟୁତ ଖୁଣ୍ଟ ଗୁଡିକରେ ତାର ଗୁଡିକ ଅତି ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିବା ଫଳରେ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି ଗତ ବାତ୍ୟା ଦାନା ସମୟରେ ଏହି ତାର ଓ ଖୁଣ୍ଟ ଗୁଡିକ ଭାଙ୍ଗି ଯାଇଥିଲା ଓ ତରବରିଆ ଭାବେ ସେହି ପୁରୁଣା ତାର ଗୁଡିକୁ ଟାଣି ବିଦ୍ୟୁତ ସଂଯୋଗ କରିଦିଆଯାଇଛି, ସେଗୁଡିକୁ ବଦଳାଇ Cable ଟଣାଯିବା ର ବ୍ୟବସ୍ଥା କରିବେ କି ଏବଂ 16 KVA ଓ 25 KVA transformer ଗୁଡିକୁ ବଦଳାଇ ସେ ସ୍ଥାନରେ 63 KVA କିମ୍ବା 100 KVA transformer ଲଗାଇବାର ବ୍ୟବସ୍ଥା କରିବେ କି ?

----

## ସବୁଜ ଶକ୍ତିର ବିକାଶ

330 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟର ସବୁଜ ଶକ୍ତିର ବହୁଳ ବ୍ୟବହାର କରିବା ଲାଗି ରାଜ୍ୟ ସରକାର କି ପଦକ୍ଷେପମାନ ଗ୍ରହଣ କରିଛନ୍ତିଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ଜୟପୁର ଅଂଚଳରେ ଏହି ବିଭାଗ କଣ ପଦକ୍ଷେପ ନେଇଛନ୍ତି ତାହାର ତଥ୍ୟ ପ୍ରଦାନ କରିବେକି?

----

## ମତ୍ସ୍ୟଜିବୀଙ୍କୁ ସହାୟତା ପ୍ରଦାନ

331 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ː**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ନିକଟ ଅତିତରେ ସଂଗଠିତ ବାତ୍ୟା "ଦାନା" ରେ କେତେ ମତ୍ସ୍ୟଜିବୀ ପ୍ରବାହିତ ହୋଇଛନ୍ତି, ସେମାନଙ୍କ ପାଇଁ ରାଜ୍ୟ ସରକାର କି ପ୍ରକାର ସହାୟତା ପ୍ରଦାନ କରିଛନ୍ତି?

----

**ହସ୍ତଶିଳ୍ପକୁ ବ୍ୟାପକ କରିବାକୁ ପଦକ୍ଷେପ**

332 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେ ସଂଖ୍ୟକ ହସ୍ତଶିଳ୍ପ କାରିଗର ଚିହ୍ନଟ କରାଯାଇଛି ହସ୍ତଶିଳ୍ପକୁ ବ୍ୟାପକ କରିବା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ତଥ୍ୟ ପ୍ରଦାନ କରିବେ କି ?

----

**ଉଦ୍ୟୋଗ ଜରିଆରେ ନିଯୁକ୍ତି**

333 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ ସୁଧା କେତେ ସଂଖ୍ୟକ ସୂକ୍ଷ୍ମ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସରକାରଙ୍କ ଦ୍ୱାରା ପଞ୍ଜିକୃତ ହୋଇଛି ଏହି ଉଦ୍ୟୋଗ ଜରିଆରେ କେତେ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହୋଇ ପାରିଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

**G.I. ମାନ୍ୟତା ପ୍ରଦାନ**

334 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ସୁଧା ଓଡ଼ିଶାର କେଉଁ କେଉଁ ସାମଗ୍ରୀକୁ GEOGRAFICAL INDEX ( G.I) TEG ମାନ୍ୟତା ମିଳିଛି ଏହାର ଏକ ତାଲିକା ପ୍ରଦାନ କରିବେ କି ?

----

**ଭଦ୍ରକ ଜିଲ୍ଲାରେ ଚାଷୀମାନଙ୍କୁ କ୍ଷତିପୂରଣ**

335 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ରାଜ୍ୟରେ ଦାନା ବାତ୍ୟାରେ କେଉଁ କେଉଁ ଜିଲ୍ଲାରେ କେତେ ଚାଷଜମି ନଷ୍ଟ ହୋଇଛି ; ସେଥିମଧ୍ୟରୁ ଭଦ୍ରକ ଜିଲ୍ଲାରେ କେତେ ଚାଷ ଜମି କ୍ଷୟ କ୍ଷତି ହୋଇଛି କ୍ଷୟକ୍ଷତି ହୋଇଥିବା ଚାଷୀମାନଙ୍କୁ କେବେ ସୁଦ୍ଧା କ୍ଷତିପୂରଣ ଦିଆଯିବ ସରକାର କହିବେ କି ?

----

**300 Unit ମାଗଣା ବିଦ୍ୟୁତ ବଣ୍ଟନ**

336 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସରକାର ରାଜ୍ୟରେ 300 Unit ମାଗଣା ବିଦ୍ୟୁତ ଦେବା ପାଇଁ କି ପଦକ୍ଷେପ ନେଉଛନ୍ତି, ଏବଂ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଜଣାଇବେ କି ?

----

## ନୂଆ ବିଜୁଳି ସଂଯୋଗ

337 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବର୍ତ୍ତମାନ କେତେ ପରିବାର ନୂତନ ବିଦ୍ୟୁତ ସଂଯୋଗ ପାଇ ନାହାନ୍ତି, ସେମାନଙ୍କୁ ନୂଆ ବିଜୁଳି ସଂଯୋଗ କେବେ ସୁଦ୍ଧା ଦିଆଯିବ ; ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେ ଜଣ ଉପଭୋକ୍ତା ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସଂଯୋଗ ପାଇବାରୁ ବଞ୍ଚିତ ଅଛନ୍ତି ?

----

## ହିତାଧିକାରୀଙ୍କୁ Card ବଣ୍ଟନ

338 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୨୪ - ୨୫ ମସିହାରେ ଯେଉଁ EKYC ନୂଆ ହେଲା ସେଥିରେ କେତେ ଗୁପ୍ତ Ration Card ବାହାରିଲା ୨୦୨୪ - ୨୫ ପାଇଁ କେତେ ଜଣ ଜାତୀୟ ଖାଦ୍ୟ ସୁରକ୍ଷା ନିରାପତ୍ତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯୋଗ୍ୟ ହିତାଧିକାରୀଙ୍କୁ କେବେ ସୁଦ୍ଧା Card ମିଳିବ କହିବେ କି ?

----

## ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ

339 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ୨୦୨୩ - ୨୪ ରେ କେତେ ଧାନ procurement ହୋଇଥିଲା ; ୨୦୨୪ - ୨୫ ମସିହାରେ କେତେ ଧାନ କିଣିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ; ୨୦୨୩ - ୨୪ ରେ କେତେ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଥିଲେ ତାହାର ସବିଶେଷ ଜିଲ୍ଲାୱାରୀ ତଥ୍ୟ ସରକାର ଦେବେ କି ?

----

## ସୁନ୍ଦରଗଡ଼ରେ ଶୀତଳ ଭଣ୍ଡାର ନିର୍ମାଣ

340 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାର ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବ୍ଲକରେ କେତୋଟି ସରକାରୀ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ସରକାର ଚିନ୍ତା କରିଛନ୍ତି, ଯଦି କରିନାହାନ୍ତି ତେବେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଗୋଟିଏ ସରକାରୀ ଶୀତଳ ଭଣ୍ଡାର ନିର୍ମାଣ କରିବାର ବ୍ୟବସ୍ଥା କରିବେ କି ?

----

## ସୌର ଚାଳିତ ଗଭୀର ନଳକୂପର ସ୍ଥିତି

341 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:-:-

----

## ଅଚଳ ଅବସ୍ଥାରେ ଉଦ୍ୟୋଗର ତାଲିକା

342 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାରେ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଚଳ ଅବସ୍ଥାରେ ଅଛି ତାହାର ଏକ ତାଲିକା ପ୍ରଦାନ କରିବେ କି, ଏବଂ ସେଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାର ବ୍ୟବସ୍ଥା କରିବେ କି ?

----

## ଋଣ ଓ Subsidy ର ତାଲିକା

343 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲାର କେଉଁ କେଉଁ ବ୍ଲକ ଓ ପୌରସଂସ୍ଥାରେ ବିଗତ ୫ ବର୍ଷରେ କେଉଁ କେଉଁ ହିତାଧିକାରୀଙ୍କୁ କେତେ ପରିମାଣର Prime Minister's Employment Generation Programme ( PMEGP) ମାଧ୍ୟମରେ ଋଣ ଓ Subsidy ପ୍ରଦାନ କରାଯାଇଛି ତାର ଏକ ତାଲିକା ପ୍ରଦାନ କରିବେ କି, ଏବଂ ଅଧିକ ହିତାଧିକାରୀଙ୍କୁ ଏହି ଋଣ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ କି ; ଏହି Programme ଦ୍ୱାରା କେତେ ଜଣ ଯୋଗ୍ୟ ହିତାଧିକାରୀ ନିଜକୁ ଆତ୍ମନିର୍ଭର କରିପାରିଛନ୍ତି ?

----

## ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ଼ ପ୍ରଦାନ

344 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସୁନ୍ଦରଗଡ଼ ଜିଲ୍ଲା ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ରାସନକାର୍ଡ଼ ହିତାଧିକାରୀ ବର୍ତ୍ତମାନ ସୁଧା ଅଛନ୍ତି, ଗତ ୨ ବର୍ଷ ମଧ୍ୟରେ କେତେ ନୂତନ ଆବେଦନକାରୀ ଆବେଦନ କରିଛନ୍ତି, ସେଥିମଧ୍ୟରୁ ଯୋଗ୍ୟ ହିତାଧିକାରୀମାନଙ୍କୁ କେବେ ସୁଧା ରାସନ କାର୍ଡ଼ ପ୍ରଦାନ କରାଯିବ ?

----

## ମାଗଣା ଚାଉଳ ବଣ୍ଟନର ତାଲିକା

345 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେ ଲୋକଙ୍କୁ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ତଥା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ମାଗଣା ଚାଉଳ ଯୋଗେଇ ଦିଆଯାଇଅଛି ତାହାର ଜିଲ୍ଲା ୱାରୀ ତାଲିକା ପ୍ରଦାନ କରିବେ କି , (ଖ) ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ କେତେ ଜଣ ହିତାଧିକାରୀ ଉକ୍ତ ଯୋଜନାରେ ଅର୍ନ୍ତଭୁକ୍ତ ହେବା ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି ?

----

## କଣ୍ଟାବାଞ୍ଜିରେ ବିଦ୍ୟୁତକରଣ

346 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ ଯୋଜନାରେ କେଉଁ କେଉଁ ଗ୍ରାମକୁ ସମ୍ପୂର୍ଣ୍ଣଭାବେ ବିଦ୍ୟୁତିକରଣ କରାଯାଇଛି ଏବଂ କେଉଁ କେଉଁ ଗ୍ରାମ ବା ପଡ଼ା (Hamlet ) କୁ ବିଦ୍ୟୁତିକରଣ କରାଯାଇ ନାହିଁ, ସେଗୁଡ଼ିକର ତାଲିକା ପ୍ରଦାନ କରିବେ କି; (ଖ) ଦିନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ଅନ୍ତର୍ଗତ ତୁରେଇକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କେଉଁ କେଉଁ ଗ୍ରାମର Transfermer Upgradation କରାଯାଇଛି ଏବଂ ନୂତନଭାବେ କେଉଁ କେଉଁ ସ୍ଥାନର Transfermer Upgradation କରାଯିବାର ପ୍ରସ୍ତାବ ଅଛି ?

----

## ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା

347 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଲାଙ୍ଗୀର ଜିଲ୍ଲା ଓ ବିଶେଷ କରି କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ବ୍ଲକ ବା ପଞ୍ଚାୟତ ସ୍ତରରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇ ଅଛି ଏବଂ ଯେଉଁ ବ୍ଲକ ବା ପଞ୍ଚାୟତରେ ଶୀତଳ ଭଣ୍ଡାର ନାହିଁ ସେଗୁଡ଼ିକରେ ନୂତନ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି; (ଖ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସ୍ଥିତ ଶୀତଳ ଭଣ୍ଡାର ଗୁଡ଼ିକରେ କେତେ ପରିମାଣରେ କେଉଁ ପ୍ରକାରର ଶସ୍ୟ ପନିପରିବା ଗଚ୍ଛିତ ରଖାଯାଉଅଛି ?

----

## ହିତାଧିକାରୀଙ୍କୁ ଆର୍ଥିକ ସହାୟତା

348 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷରେ ମାଛ ଚାଷ, କୁକୁଡ଼ା ଓ ଛେଳି ପାଳନ ପାଇଁ କେତେ ଜଣ ହିତାଧିକାରୀଙ୍କୁ ସରକାର ଆର୍ଥିକ ସହାୟତା ବା ଋଣ ପ୍ରଦାନ କରିଛନ୍ତି ଓ ସେଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ; (ଖ) ୨୦୨୪ - ୨୫ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କେତେ ଜଣ ହିତାଧିକାରୀ ମାଛ, କୁକୁଡ଼ା ଓ ଛେଳି ପାଳନ ପାଇଁ ନିକଟରେ ଆବେଦନ କରିଛନ୍ତି ଓ ସେମାନଙ୍କୁ ଋଣ ପ୍ରଦାନ କରିବା ପାଇଁ କଣ ପଦକ୍ଷେପ କରାଯାଇଛି ଏବଂ କଣ୍ଟାବାଞ୍ଜି ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ସ୍ଥାନରେ ପଶୁ ଚିକିତ୍ସାଳୟ ଓ ଲାଇଭ ଷ୍ଟକ ଏଡ଼ ସେଣ୍ଟର ଅବସ୍ଥିତ ଓ ଉକ୍ତ ଚିକିତ୍ସାଳୟ ଗୁଡ଼ିକୁ ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ବାର୍ଷିକ କେତେ ଅନୁଦାନ ପ୍ରଦାନ କରାଯାଉଛି ?

----

## ଅନଗ୍ରସର ପଛୁଆ ଅଞ୍ଚଳ ସମ୍ପର୍କରେ

349 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ)ରାଜ୍ୟରେ କେଉଁ କେଉଁ ଜିଲ୍ଲାକୁ ଅନଗ୍ରସର ପଛୁଆ ଅଂଚଳ ଭାବେ ପରିଗଣିତ କରାଯାଉଛି, ଏଥିରେ ବଲାଙ୍ଗିର ଜିଲ୍ଲା ଅଛି କି ନାହିଁ; କେଉଁ କେଉଁ ମାପକାଠି ବା ମାନଦଣ୍ଡରେ ଅନଗ୍ରସରରେ ପରିଗଣିତ କରାଯାଏ; (ଖ) ବଲାଙ୍ଗିର ଜିଲ୍ଲା ରେ ଅଦ୍ୟାବଧି କେଉଁ ସ୍ଥାନରେ ଶିଳ୍ପ ପ୍ରତିଷ୍ଠାନ ଅଛି ଏବଂ ଶିକ୍ଷିତ ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାର ଯୋଗେଇ ଦେବାକୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ନୂତନ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ସକାଶେ ସରକାର ଙ୍କ ପ୍ରସ୍ତାବ ଅଛି କି ?

----

## Tata Powerର ବିଦ୍ୟୁତ ଯୋଗାଣ ସମ୍ପର୍କରେ

350 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା ରାଜ୍ୟର ରାଜ୍ୟବାସୀ Tata Powerର ବିଦ୍ୟୁତ ଯୋଗାଣ ସେବାରେ ସନ୍ତୋଷ୍ଟ ଅଛନ୍ତି କି; Tata Power ଦ୍ୱାରା କୋଣସି Notice ଦିଆନଯାଇ Prepaid Connectionକୁ କାଟି ଦିଆଯିବା ମାନବ ଅଧିକାରକୁ କ୍ଷୁର୍ଣ୍ଣ କରୁଛି କି; Tata Power Meter reading ଓ ଅସୁଲି ସଂଗ୍ରହ ବ୍ୟୟ ବହୁଳ ହେବାର ସାଧାରଣରେ ଅଭିଯୋଗହୁଏ ଏହା ଉପରେ ସରକାରଙ୍କର ହସ୍ତକ୍ଷେପ ଆବଶ୍ୟକ ରହୁଅଛି, ସାଧାରଣ ଜନତାଙ୍କ ସୁବିଧା ନିମନ୍ତେ ସରକାର ଏହାଉପରେ ଦୃଷ୍ଟି ଦେବେ କି ଏବଂ ଜବରଦସ୍ତି ଜୋରିମାନା ଉପରେ ପ୍ରାବନ୍ଧ ଲଗାଯିବ କି ?

----

## ଦୁଗ୍ଧ ସଂଗ୍ରହ ସମ୍ପର୍କରେ

351 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- OMFED ଦ୍ୱାରା ସଂଗ୍ରହ କରାଯାଉଥିବା ଦୁଗ୍ଧ ଜିଲ୍ଲାୱାରୀ କେଉଁ କେଉଁ ସମିତି ମାନଙ୍କରୁ କେତେ ପରିମାଣର ସଂଗ୍ରହ କରାଯାଉଅଛି ଏବଂ କେତେ ଦୁଗ୍ଧ ଚାଷି ଉପକୃତ ହେଉଛନ୍ତି, ବିଗତ ୩ ବର୍ଷର ମାସୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଉପସ୍ଥାପନା କରିବେ କି ?

----

## ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ସମ୍ପର୍କରେ

352 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ କେତେଗୋଟି ନିୟନ୍ତ୍ରିତ ବଜାର କମିଟି ରହିଅଛି, ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; ସେଥି ମଧ୍ୟରୁ କେତେ ଗୋଟି ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଅଛି, କେତେଗୋଟି ବାକି ଅଛି, ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରୁ ଅଧ୍ୟକ୍ଷ ଚୟନ କରାଯାଇ ଅଛି କି କି; ଯଦି ନିର୍ବାଚନ ହୋଇନାହିଁ, ତେବେ କେବେ ସୁଦ୍ଧା ନିର୍ବାଚନ ଶେଷ କରାଯିବାର ବ୍ୟବସ୍ଥା କରାଯାଉଅଛି ?

----

## ବକେୟା ପ୍ରାପ୍ୟ ପ୍ରଦାନ

353 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଜିଲ୍ଲା ଯୋଗାଣ ଅଧିକାରୀ ଖୋର୍ଦ୍ଧାଙ୍କ ଅଧିନସ୍ଥ କଳିଙ୍ଗ ରାଇସ ମିଲ ସାରୁଅଠାରେ ନିୟୋଜିତ ଥିବା ସୁରକ୍ଷା କର୍ମିଙ୍କ ଦିର୍ଘଦିନର ବକେୟା ପ୍ରାପ୍ୟ ମିଳି ନଥିବା ବିଷୟରେ ସରକାର ଅବଗତ ଅଛନ୍ତି କି; ଗରିବ ଯୁବକ ମାନଙ୍କର ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରିବେ କି; ଏହା ଉପରେ ଜିଲ୍ଲାଶ୍ରମ ଅଧିକାରୀ ଖୋର୍ଦ୍ଧା, ଯୁଗ୍ମଶ୍ରମ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସିଧାସଳଖ ନିର୍ଦ୍ଦେଶ ଥିଲେ ସୁଦ୍ଧା ଜିଲା ଯୋଗାଣ ଅଧିକାରୀ ପ୍ରାପ୍ୟ ପ୍ରଦାନରେ ବିଳମ୍ବ କରିବା ଓ ଏଥିରେ ବିଳମ୍ବ କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି?

----

## ପଞ୍ଜିକୃତ କୃଷକଙ୍କ ସଂଖ୍ୟା

354 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବର୍ତ୍ତମାନ ରାଜ୍ୟରେ ପଞ୍ଜିକୃତ କୃଷକ ମାନଙ୍କ ସଂଖ୍ୟା କେତେ; ସେମାନଙ୍କ ମଧ୍ୟରୁ ବଡ଼, ସାନ ଓ ମଧ୍ୟମ ଚାଷି ମାନଙ୍କ ସଂଖ୍ୟା କେତେ; ସେମାନଙ୍କ ମଧ୍ୟରୁ କେତେ ସଂଖ୍ୟକ କୃଷକଙ୍କୁ PM କିଷାନ ଓ CM କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଅଛି, ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି; ଉଭୟ ଯୋଜନାରେ ଅନ୍ତର୍ଭୁକ୍ତ କୃଷକ ମାନଙ୍କ ସଂଖ୍ୟା କେତେ; ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ ସହ ନୂତନ କୃଷକ ପଞ୍ଜିକୃତ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ଜଣାଇବେ କି; ନୂତନ କୃଷକ ଓ ଉଭୟ ଯୋଜନାରେ ଅନ୍ତର୍ଭୁକ୍ତ ନଥିବା କୃଷକଙ୍କୁ କେବେ ସୁଦ୍ଧା ସାମିଲ କରାଯିବ ଏହା ଉପରେ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## Agricultural କଲେଜର ସଂଖ୍ୟା

355 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ବର୍ତ୍ତମାନ କେତୋଟି agricultural କଲେଜ / university କେଉଁ ଜାଗାରେ ଚାଲୁଛି; ସେଠାରୁ ପ୍ରତିବର୍ଷ କେତେ agriculture graduate ବାହାରୁଛନ୍ତି; ବର୍ତ୍ତମାନ ଓଡ଼ିଶାରେ ବାହାରିଥିବା agriculture graduate ମାନେ ସମସ୍ତେ ଚାକିରୀ ପାଇଛନ୍ତି କି; ଯଦି ନାହିଁ ତେବେ ସେମାନଙ୍କର ଥଇଥାନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣେଇବେ କି ?

----

## ଝୋଟ ବ୍ୟାଗର କ୍ରୟ ମୂଲ୍ୟ

356 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଗତ ସରକାରଙ୍କ ଅମଳରେ BPL ଖାଉଟି ମାନଙ୍କୁ ସରକାରଙ୍କ ତରଫରୁ ଗୋଟିଏ ଲେଖା ଝୋଟ ବ୍ୟାଗ ଦେଇଥିବା ସତ୍ୟ କି; ଯଦି ହଁ କେତେ ସଂଖ୍ୟକ ବ୍ୟାଗ କେଉଁ ସଂସ୍ଥା ଠାରୁ କେତେ ଟଙ୍କା ମୂଲ୍ୟରେ କ୍ରୟ କରିଥିଲେ, ଏଥିପାଇଁ ହୋଇଥିବା ଟେଣ୍ଡରରେ କେଉଁମାନେ ଭାଗ ନେଇଥିଲେ; Supply ଦେଇଥିବା ସଂସ୍ଥା ଠାରୁ କେତେ ଟଙ୍କାର Security Deposit, GST, IT ଓ Statutory Due ରଖା ଯାଇଥିଲା ଜଣେଇବେ କି?

----

## ଦରକାର ହେଉଥିବା ବିଦ୍ୟୁତର ପରିମାଣ

357 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶାରେ ମାସିକ କେତେ ମେଗା ୱାଟ ବିଦ୍ୟୁତ ଦରକାର ହେଉଛି (Domestic | Industrial ); ଚାହିଦା ମୁତାବକ ବିଦ୍ୟୁତ ଉତ୍ପାଦନ ଓଡ଼ିଶାରେ ହେଉଛି କି; ଯଦି ହଁ କେଉଁ କେଉଁ ସଂସ୍ଥା କେତେ ପରିମାଣର ବିଦ୍ୟୁତ ଉତ୍ପାଦନ କରୁଛନ୍ତି ଓ କେତେ ପରିମାଣର ବିଦ୍ୟୁତ ସରକାରଙ୍କୁ କେତେ ମୂଲ୍ୟରେ ଦେଉଛନ୍ତି; ବଳକା ବିଦ୍ୟୁତ ରାଜ୍ୟ ବାହାରକୁ ବିଦ୍ୟୁତ ଉତ୍ପାଦନକାରି ସଂସ୍ଥା ବିକୁଛନ୍ତି କି; ଯଦି ହଁ ଉତ୍ପାଦନକାରି ସଂସ୍ଥା ମାନେ କେତେ ପରିମାଣରେ କେଉଁ ମୁଲ୍ୟରେ, କେଉଁ ସଂସ୍ଥା ବା ରାଜ୍ୟକୁ ବିକୁଛନ୍ତି କି ?

----

## Fishery ଓ Veterinary College ସଂଖ୍ୟା

358 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶାରେ କେତୋଟି Fishery ଓ Veterinary College | University ଅଛି ? ସେଠାରୁ ପ୍ରତିବର୍ଷ କେତେ Fishery ଓ Veterinary Graduate ଉତୀର୍ଣ୍ଣ ହେଉଛନ୍ତି; ପାଠ ପଢି ସାରିବା ପରେ ଏହି ଛାତ୍ର ଛାତ୍ରୀ ମାନଙ୍କୁ ସରକାରୀ ଚାକିରୀ ସୁବିଧା ମିଳୁଛି କି; ଯଦି ନାଁ ତେବେ ସେମାନଙ୍କର ଥଇଥାନ ନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଅହିଂସା ବା କରୁଣା Silk ଉତ୍ପାଦନ

359 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରେ ନୂତନ ଭାବେ ଅହିଂସା ବା କରୁଣା Silk ଉତ୍ପାଦନ ହେବା ଆରମ୍ଭ ହୋଇଛି କି; ଯଦି ହଁ ତେବେ ଏହା କେବେ ଠାରୁ ହୋଇଛି ଓ ଏଥିପାଇଁ କେତେ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି; ଏହି Silk Production ପାଇଁ ଦରକାର ହେଉଥିବା କଞ୍ଚା ମାଲ ପର୍ଯ୍ୟାପ୍ତ ପରିମାଣରେ ଅଛି କି; ଯଦି ହଁ ତେବେ କେଉଁଠାରେ, କେତେ ପରିମାଣରେ ଓ କେବେଠାରୁ ଉପଲବ୍ଧ ହେଉଅଛି ?

----

## ହସ୍ତତନ୍ତ ସାମଗ୍ରୀର ବିକ୍ରୟ

360 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡିଶାରୁ ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀ ବିକ୍ରି ପାଇଁ ୨୦୦୦ ମସିହାରେ ସରକାରୀ ସ୍ତରରେ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ କେତୋଟି ବିକ୍ରୟ କେନ୍ଦ୍ର ରହିଥିଲା ଓ ସେଗୁଡିକ ବାର୍ଷିକ କେତେ ବ୍ୟବସାୟ କରୁଥିଲେ; ବର୍ତ୍ତମାନ ସରକାରୀ ସ୍ତରରେ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ କେତୋଟି ବିକ୍ରୟ କେନ୍ଦ୍ର ରହିଛି ଏବଂ ସେମାନେ ବାର୍ଷିକ କେତେ ପରିମାଣର ବିକ୍ରି କରୁଛନ୍ତି; ଗତ ୫ବର୍ଷ ମଧ୍ୟରେ ରାଜ୍ୟରୁ ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀ ଭାରତ ବାହାରେ କେଉଁ କେଉଁ ଦେଶକୁ କେତେ ପରିମାଣର ରପ୍ତାନି ହୋଇଛି ତାହାର ଏକ ଦେଶ ଓ ବର୍ଷରୀ ତାଲିକା ପ୍ରଦାନ କରିବେ?

----

## ପଦବୀ ପୂରଣ

361 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ତାହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡିକ ଲାଗି କେଉଁ ପାହ୍ୟାର କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଶିକ୍ଷକ, ବୈଜ୍ଞାନିକ ଓ ଅଣଶିକ୍ଷକ ପଦବୀମାନ ରହିଛି ଏବଂ ଏଥିରୁ ବିଶ୍ୱବିଦ୍ୟାଳୟ ଏବଂ ତାହାର କେଉଁ ଅନୁବନ୍ଧିତ ଶିକ୍ଷାନୁଷ୍ଠାନରେ କେତେ ପଦବୀ ଖାଲି ପଡିଛି, ଏବଂ ଏହି ପଦବୀଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ?

----

## ଟିକସ ଆଦାୟ ସମ୍ପର୍କରେ

362 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଓସ୍‌ମା ବୋର୍ଡ ଅଧୀନରେ ଥିବା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଗୁଡିକ କେଉଁ କେଉଁ ସ୍ଥାନରୁ ଟିକସ ଆଦାୟ କରିବାର ନିୟମ ରହିଛି; ରାଜ୍ୟରେ କୁକୁଡା ପରିବହନ କରୁଥିବା ଯାନ ଠାରୁ କେଉଁ ହାରରେ କେବେ ଠାରୁ ଆରଏମସି ଟିକସ ଆଦାୟ କରିବାର ନିୟମ ଧାର୍ଯ୍ୟ ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ସ୍ଥାନରେ ଏହା ଆଦାୟ କରାଯାଉଛି ତାହା ଜଣାଇବେ; ଏ ବାବଦ ଟିକସରୁ ଆରଏମସିଗୁଡିକ ବାର୍ଷିକ କେତେ ଅର୍ଥ ଆଦାୟ କରୁଛନ୍ତି; ରାଜପଥରେ ଯାଉଥିବା କୁକୁଡା ପରିବହନ ଯାନରୁ ଆରଏମସିର କର୍ମଚାରୀମାନେ ଟିକସ ଆଦାୟ କରୁଥିବା ସରକାର ଜାଣନ୍ତି କି; ପଡୋଶୀ ରାଜ୍ୟରେ କୁକୁଡା ପରିବହନ ଯାନରୁ ଆରଏମସି ଟିକସ ଆଦାୟ କରୁନଥିବାବେଳେ ଓଡ଼ିଶାରେ ଏହା କ'ଣ ପାଇଁ ଆଦାୟ ହେଉଛି?

----

## ନୂତନ ମିଟର ଲଗାଇବା ସମ୍ପର୍କରେ

363 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଟାଟା ପାୱାର ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ହାତକୁ ନେବାପରେ କେତେ ସଂଖ୍ୟକ ଗ୍ରାହକଙ୍କ ଘରେ ନୂତନ ମିଟର ସ୍ଥାପନ କରିଛି; ସଚଳ ମିଟର ସ୍ଥାନରେ ଲାଗୁଥିବା ନୂତନ ମିଟର ପାଇଁ ଗ୍ରାହକମାନେ ନିୟମିତଭାବେ ମାସକୁ ମାସ ଅର୍ଥ ପଇଠ କରୁଥିବା ସରକାର ଜାଣନ୍ତି କି ; ଯଦି ହଁ, ତେବେ ଜଣେ ହିତାଧିକାରୀ ମିଟର ବାବଦରେ କେତେ ଅର୍ଥ ପାଇଁ ଅର୍ଥ ପଇଠ ପ୍ରଦାନର ବ୍ୟବସ୍ଥା ରହିଛି ତାହା ଜଣାଇବେ କି, ଝାରସୁଗୁଡା ଜିଲ୍ଲାରେ କେତେ ସଂଖ୍ୟକ ବିଜୁଳି ଗ୍ରାହକଙ୍କର ସଚଳ ମିଟର ସ୍ଥାନରେ ନୂତନ ମିଟର ସ୍ଥାପନ ହୋଇଛି, ଟାଟା ପାୱାର ଲଗାଉଥିବା ସ୍ମାର୍ଟ ମିଟରକୁ କେଉଁ କେଉଁ ସ୍ଥାନରେ ଲୋକେ ବିରୋଧ କରି କେତେ ସଂଖ୍ୟାରେ ମିଟର ଆଣି ସ୍ଥାନୀୟ ବିଜୁଳି ଦସ୍ତରରେ ଫୋପାଡି ଦେଇଛନ୍ତି ତାହାର ଜିଲ୍ଲାୱାରୀ ଏକ ତାଲିକା ପ୍ରଦାନ କରିବେ କି ?

----

## ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

364 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମୁଣ୍ଡପିଛା ଦୁଗ୍ଧ ଆବଶ୍ୟକତା କେତେ ରହିଛି ଓ ରାଜ୍ୟରେ କେତେ ଦୁଗ୍ଧ ଉତ୍ପାଦନ ହେଉଛି ; ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଗତ ୫ବର୍ଷ ମଧ୍ୟରେ ଗୋପାଳନ ପାଇଁ କେଉଁ ଜିଲ୍ଲାରେ କେତେ ସଂଖ୍ୟକ; ବ୍ୟକ୍ତି ସରକାରୀ ସହାୟତା ପାଇଛନ୍ତି; ରାଜ୍ୟରେ ଦୁଗ୍ଧ ଉତ୍ପାଦନର ଏକ ଜିଲ୍ଲାୱାରୀ ତାଲିକା ଦେବା ସହିତ ଉତ୍ପାଦିତ ଦୁଗ୍ଧରୁ ଓମଫେଡ୍ କେତେ ପରିମାଣ ସଂଗ୍ରହ କରୁଛି ଓ ଅନ୍ୟାନ୍ୟ ଦୁଗ୍ଧ ବିକ୍ର କରୁଥିବା ସଂସ୍ଥା କେତେ ଲିଟର ପିଛା ହାରାହାରି କେତେ ଦରରେ ଦୁଗ୍ଧ ସଂଗ୍ରହ କରୁଛନ୍ତି ?

----

## ଓଡ଼ିଶା ବାସ୍ତୁ ବିଜ୍ଞାନ ପ୍ରତିଷ୍ଠା ସମ୍ପର୍କରେ

365 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡ଼ିଶା ବାସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ବିଗତ ପାଞ୍ଚବର୍ଷରେ କେତେ ଅର୍ଥ ବିନିମୟରେ କି କି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଛି ?

----

## ଓଡିଶା ରାଜ୍ୟ ଅର୍ଥ ନିଗମକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

366 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶା ରାଜ୍ୟ ଅର୍ଥ ନିଗମ ଉପରେ ବକେୟା ଅଛି ଓ ତାହା ଆଦାୟ କେବେଠାରୁ ଅଚଳ ଅବସ୍ଥାରେ ଅଛି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବୁଣାକାରଙ୍କ ଅପମୃତ୍ୟୁ

367 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ ରାଜ୍ୟରେ କେତେ ବୁଣାକାର ଅପମୃତ୍ୟୁର ଶୀକାର ହୋଇଛନ୍ତି ସେମାନଙ୍କ ପରିବାରକୁ ବୀମା ଓ ସହାୟତା ବାବଦରେ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ମୃତକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ମତ୍ସ୍ୟ ନିଗମର ଲାଭ କ୍ଷତି

368 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ତିନି ବର୍ଷରେ Odisha Pisciculture Dev. Corporation କେତେ ଲାଭ ବା କ୍ଷତି କରିଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ହସ୍ତତନ୍ତ ଶିଳ୍ପ ବିକ୍ରୟ

369 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବୟନିକା ପକ୍ଷରୁ ବିଗତ ତିନି ବର୍ଷରେ କେତେ ମୂଲ୍ୟର ହସ୍ତତନ୍ତ ବସ୍ତ୍ର ବିକ୍ରୟ କରାଯାଇ କେତେ ଲାଭ ବା କ୍ଷତି ହୋଇଛି ପ୍ରକାଶ କରି ବୟନିକାକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ଖର୍ଚ୍ଚର ପରିମାଣ

370 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବ୍ଲକ ମଧ୍ୟରେ ମିଲେଟ ମିଶନ ପାଇଁ ଅଦ୍ୟାବଧି ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ବାର୍ଷିକ କେତେ ଜଣ ଚାଷୀ ଏହି ଚାଷ କରନ୍ତି ଏହି ବିଭାଗ ମାଧ୍ୟମରେ ଗତ ଦଶ ବର୍ଷ ମଧ୍ୟରେ କେତେ କାମ ହୋଇଛି, କେତେ ଜଣ ଲୋକ ଏଥିରେ ଉପକୃତ ହୋଇଛନ୍ତି, କେତେ ଟଙ୍କା ମୋଟ ଖର୍ଚ୍ଚ ହୋଇଛି, କେତେ ଟଙ୍କା ମଞ୍ଜୁର ହୋଇଥିଲା, କେତେ ସମ୍ପୂର୍ଣ ହୋଇଛି, କେତେ ଚାଲୁ ରହିଛି, ଯୋଜନାର ନାମ, ବ୍ଲକ ୱାରୀ, ପଞ୍ଚାୟତ ୱାରୀ କରି ତଥ୍ୟ ପ୍ରଦାନ କରିବେ କି?

----

## ବିଷମକଟକ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ନିମନ୍ତେ ଆର୍ଥିକ ସହାୟତା

371 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ରେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ନିମନ୍ତେ,ଭିତ୍ତିଭୂମି ସମର୍ଥନ,ବୟନ, ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ କେଉଁ ଆର୍ଥିକ ସହାୟତା କାର୍ଯ୍ୟକ୍ରମ ଉପଲବ୍ଧ, ଦକ୍ଷତା ବିକାଶ ଏବଂ ତାଲିମ, ବଜାର ପ୍ରବେଶ ଏବଂ ପ୍ରୋତ୍ସାହନ, ଟେକ୍ନୋଲୋଜି ଏକୀକରଣ,ସ୍ଥିରତା ଏବଂ ପରିବେଶ ଅନୁକୂଳ ପରିସ୍ଥିତି ସୃଷ୍ଟି ପାଇଁ, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା, ମହିଳା ଏବଂ ଦଳିତ ଗୋଷ୍ଠୀ ପାଇଁ ସମର୍ଥନ, ନୀତି ପ୍ରୟୋଗ ଏବଂ ମତାମତ ପ୍ରଣାଳୀ ଏବଂ କେତେ ଜଣଙ୍କୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା, ଋଣ ଯୋଗାଇ ଦିଆଯାଇଛି ତାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ନୂତନ ସମବାୟ ସମିତି ଗଠନ

372 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ନୂତନ ସମବାୟ ସମିତି ଗଠନ କରାଯିବା ନେଇ ସ୍ଥିତି କଣ ରହିଛି ? କେତେ ଗୋଟି ନୂତନ ସମିତି ଗଠନ କରାଯିବା ନେଇ ପ୍ରସ୍ତାବ ରହିଛି, ତାହାର ଧାର୍ଯ୍ୟ ସମୟ, ବିଭାଗ ପକ୍ଷରୁ ଚିଠି ସଂଖ୍ୟା 3047, ତା ୦୨.03.2023 ରେ ନୂତନ ସମବାୟ ସମିତି ଗଠନ କରାଯିବା ପାଇଁ ଏକ ନିର୍ଦ୍ଦେଶ ରହିଥିଲା କି ? ଜିଲ୍ଲା ତଥା ବିଷମ କଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଏହାର ସ୍ଥିତି କଣ ରହିଛି ? ବିଷମକଟକ ବ୍ଲକ ଚାଟିକଣା ସ୍ଥିତ ନିୟମଗିରି ସମବାୟ ସମିତି କାର୍ଯ୍ୟକ୍ଷମ ହେଉନଥିବା ଅଭିଯୋଗ ହେଉଛି ଏ ସମ୍ପର୍କିତ ତଥ୍ୟ ସହିତ ବିଷମକଟକ ଠାରେ ଥିବା ଟିଡ଼ିସିସି କାର୍ଯ୍ୟକ୍ଷମ ନଥିବା ର କାରଣ, ଏଭଳି ଆଉ କେତେ ଟି ଟିଡ଼ିସିସି କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି ତାହାର ବିବରଣୀ ପ୍ରଦାନ ସହ ସେଗୁଡିକୁ କାର୍ଯ୍ୟକ୍ଷମ କରାଯିବା ପାଇଁ କଣ ସବୁ ପଦକ୍ଷେପ ଆଗାମୀ ଦିନ ରେ ଗ୍ରହଣ କରିବାର ପ୍ରସ୍ତାବ ରହିଛି, ଚାଷୀ ମାନେ ଧାନ ବିକ୍ରି ପାଇଁ ଯେଉଁ RMC ଗୋଦାମ ସବୁ ରହିଅଛି, ସେଥିମଧ୍ୟରୁ କେତୋଟି RMC ଗୋଦାମ ସୁରକ୍ଷିତ ଅବସ୍ଥାରେ ଅଛି ?

----

## ଗ୍ରାମଗୁଡିକୁ ଡିଜିଟାଲ ଯୋଗାଯୋଗ

373 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପାଇଁ ପଦକ୍ଷେପ

374 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଷମକଟକ ନିର୍ବାଚନ ମଣ୍ଡଳୀ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଦିଗରେ କଣ ସବୁ ପଦକ୍ଷେପ ଅଦ୍ୟାବଧି ନିଆଯାଇଛି ମତ୍ସ୍ୟଜୀବୀଙ୍କ ପାଇଁ ସମର୍ଥନ ପାଇଁ, ମତ୍ସ୍ୟ ଭିତ୍ତିଭୂମି ବିକାଶ ପାଇଁ,ଜଳଚର ପ୍ରୋତ୍ସାହନ,ପଶୁପାଳନ ବିକାଶ, ପ୍ରାଣୀ ଚିକିତ୍ସା ସେବା,ତାଲିମ ଏବଂ ଦକ୍ଷତା ବିକାଶ, ସବସିଡି ଏବଂ ଆର୍ଥିକ ସହାୟତା, ରୋଗ ନିରାକରଣ ଏବଂ ନିୟନ୍ତ୍ରଣ, ଜଳ ଉତ୍ସ ପରିଚାଳନା, ମତ୍ସ୍ୟ ଓ ପଶୁ ସମ୍ପଦ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ସରକାର କ'ଣ ପଦକ୍ଷେପ କରୁଛନ୍ତି,ଏହି କ୍ଷେତ୍ରଗୁଡିକୁ ବୃଦ୍ଧି କରିବା ପାଇଁ କୌଣସି ନୂତନ ଅର୍ଥ ସୁଯୋଗ କିମ୍ବା ପ୍ରକଳ୍ପ ଯୋଜନା କରାଯାଉଛି,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ କଣ ସବୁ ଯୋଜନା ବିଗତ ପାଞ୍ଚ ବର୍ଷ ମଧ୍ୟରେ ହୋଇଛି ଯୋଜନାର ନାମ,ବିବରଣୀ,ମଞ୍ଜୁର କରାଯାଇଥିବା ଟଙ୍କା ଖର୍ଚ୍ଚ ହୋଇଥିବା ଟଙ୍କା,କେତେ ଜଣ ଏଥିରେ ଉପକୃତ ହୋଇଛନ୍ତି ? କେତେଜଣଙ୍କୁ ଋଣ ଦିଆଯାଇଛି,କେତେ ଟଙ୍କା ଋଣ ଦିଆଯାଇଛି ? କେତେ ଟଙ୍କା ଛାଡ଼ କରାଯାଇଛି ଏଗୁଡିକର ପ୍ରଚାର,ପ୍ରସାର, ପ୍ରୋତ୍ସାହନ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ?

----

## କାର୍ଡ ଗୁଡ଼ିକ ପୁନଃ ପ୍ରଚଳନ

375 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବର୍ତ୍ତମାନ ଓଡ଼ିଶାରେ ଦୁଇ ପ୍ରକାର ରେସନ୍ କାର୍ଡ ପ୍ରଚଳିତ ହେଉଛି, ଗୋଟିଏ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ଆଉ ଗୋଟିଏ ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନା ଓ କେଉଁ ଯୋଜନାରେ କେତେ କାର୍ଡ ପ୍ରଚଳିତ ହେଉଛି ଓ ଦୁଇଟି ଯାକ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଡ ଗୁଡ଼ିକ ପୁନଃ ପ୍ରଚଳନ ହେବ କି ନାହିଁ ତାହା ଜଣାଇବେ କି ?

----

## ମଡେଲ୍ PACS ନିର୍ମାଣ

376 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବଜେଟ୍ ରେ ପ୍ରତ୍ୟେକ ଉପଖଣ୍ଡରେ ସମସ୍ତ ପ୍ରକାରର ସେବା ଓ ଭିତ୍ତିଭୂମିର ସୁବିଧା ସୁଯୋଗ ଥାଇ ଗୋଟିଏ ଲେଖାଏଁ ମଡେଲ୍ PACS ନିର୍ମାଣ କରାଯିବାର ପ୍ରସ୍ତାବ ରାଜ୍ୟ ସରକାରଙ୍କର ରହିଛି ଓ ବାଲେଶ୍ୱର ଉପଖଣ୍ଡ ଅନ୍ତର୍ଗତ ବସ୍ତା ନିର୍ବାଚନ ମଣ୍ଡଳୀର କୌଣସି PACS ରେ ଏହା ନିର୍ମାଣ କରାଯିବାର ପ୍ରସ୍ତାବ ସରକାରଙ୍କର ଅଛି କି ?

----

## କୃଷକଙ୍କୁ କାର୍ଡ ବଣ୍ଟନ

377 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟର କୃଷକ ମାନଙ୍କୁ ଏ.ଟି.ଏମ୍ ସୁବିଧା ଯୋଗାଇଦେବା ନିମନ୍ତେ Kisan Credit Card କୁ Ru-Pay Kisan Card ରେ ରୂପାନ୍ତରିତ କରିବା କାର୍ଯ୍ୟ ଚାଲୁଅଛି ଓ ଚଳିତ ବର୍ଷ ଅକ୍ଟୋବର ୨୦୨୪ ସୁଦ୍ଧା ଆମ ରାଜ୍ୟର କେତେ ଜଣ କୃଷକ ଏହାକୁ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଏହି କାର୍ଡ ମିଳିପାରିଛି ଏବଂ ଅନ୍ୟ କୃଷକ ମାନେ କେବେ ସୁଦ୍ଧା ପାଇପାରିବେ ?

----

## ଅକ୍ଷୟ ଶକ୍ତି ପାଇଁ ସବସିଡି

378 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସମଗ୍ର ରାଜ୍ୟରେ ସୌର ଶକ୍ତିରୁ ଉତ୍ପାଦିତ ହେଉଥିବା ମୋଟ ଶକ୍ତିର ପରିମାଣ କେତେ ଏବଂ ବିଗତ ପାଞ୍ଚ ବର୍ଷ ମଧ୍ୟରେ ତଥା ଚଳିତ ବର୍ଷରେ ଅକ୍ଷୟ ଶକ୍ତି ପାଇଁ ଆମ ରାଜ୍ୟରେ ଉପଲବ୍ଧ ସବସିଡି କେତେ ପ୍ରତିଶତ ଅଟେ ?

----

## ବହୁମୁଖି କୃଷକ ବଜାର ପ୍ରତିଷ୍ଠା

379 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବସ୍ତା ନିର୍ବାଚନ ମଣ୍ଡଳୀର କୃଷକ ଭାଇଭଉଣୀ ମାନଙ୍କର ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ଏବଂ ବଜାର ସୃଷ୍ଟି ପାଇଁ ବାଲିଆପାଳ ଏବଂ ବସ୍ତା ବ୍ଲକ ଠାରେ ଅତ୍ୟାଧୁନିକ ହୋଲସେଲ୍ ମାର୍କେଟ ବା ବହୁମୁଖି କୃଷକ ବଜାର ପ୍ରତିଷ୍ଠା କରିବାର ପ୍ରସ୍ତାବ ରାଜ୍ୟ ସରକାରଙ୍କର ଅଛି କି ?

----

## ନୂତନ କିଷମ ଧାନ ଚାଷ

380 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଓଡିଶା ରାଜ୍ୟ ବିହନ ନିଗମର ବିହନ ଉତ୍ପାଦନକାରୀ କୃଷକ ମାନେ ନୂତନ ଭାବେ ବିକଶିତ ହୋଇଥିବା ଉନ୍ନତ କିସମର ପିଣ୍ଡ ଧାନ ବିହନ ଚାଷ କରି ବିହନ ନିଗମକୁ ଦେବା ପରେ ୧୦ ବର୍ଷରୁ କମ୍ କିସମ ଉପରେ କେନ୍ଦ୍ର ସରକାର ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନାରେ ୨୦୨୦-୨୧ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଦେଇ ଆସୁଥିଲେ, ୨୦୨୦-୨୧ ରୁ କେନ୍ଦ୍ର ସରକାର ଉକ୍ତ ଯୋଜନାକୁ ବନ୍ଦ କରି ଦେଇଥିବାରୁ ବିହନ ଉତ୍ପାଦନକାରୀ ଚାଷୀ ମାନେ ନୂତନ କିମସ କରିବା ପାଇଁ ବିମୁଖ ହେଉଛନ୍ତି | ଅନ୍ୟ ରାଜ୍ୟରେ ରାଜ୍ୟ ସରକାର ଚାଷୀମାନଙ୍କୁ ନୂତନ କିସମ ଧାନ ବିହନ ଚାଷ କରିବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା ବେଳେ ଆନ୍ଧ୍ର ସରକାର ୨୦୨୦-୨୧ ରୁ ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ଏହାକୁ ଚାଲୁ ରଖିବା ପାଇଁ କିଛି ପଦକ୍ଷେପ ନେବେ କି ?

----

## ବ୍ୟବସାୟିକ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ପଦକ୍ଷେପ

381 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ବର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବୟନ ଶିଳ୍ପ ବିଭାଗ ଅନ୍ତର୍ଗତ ବାଲେଶ୍ଵର ସହରର ସିନେମା ଛକଠାରେ କେତେ ଜାଗା ଅଛି ଓ ଉକ୍ତ ସ୍ଥାନର ବିନିଯୋଗ ପାଇଁ ବିଭାଗ କଣ ଚିନ୍ତା କରିଛି ; ସ୍ଥାନଟି ମାର୍କେଟ ସଂଲଗ୍ନ ହୋଇଥିବାରୁ ବିଧାୟକ ପାଣ୍ଠିକୁ ବିନିଯୋଗ କରି ଉକ୍ତ ସ୍ଥାନରେ ନୂତନ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଭେଣ୍ଡିଂ facility କରିବା ପାଇଁ ବିଭାଗ ତରଫରୁ କିଛି ପ୍ରତିବନ୍ଧକ ଅଛି କି ?

----

## ଧାନ କିଣା ପାଇଁ ଆବେଦନକାରୀଙ୍କ ସଂଖ୍ୟା

382 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଚଳିତ ବର୍ଷ ଧାନ କିଣା ପାଇଁ କେତେ ସଂଖ୍ୟକ ଚାଷୀ ଆବେଦନ କରିଥିଲେ ଏବଂ କେତେ ସଂଖ୍ୟକ ଚାଷୀ ପଞ୍ଜୀକରଣ କରିଥିଲେ, ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ସେହିପରି ଗତ ତିନି ବର୍ଷର କେତେ ଚାଷୀ ଧାନ କିଣା ପାଇଁ ପଞ୍ଜୀକରଣ କରିଥିଲେ ଏବଂ ସେଥିମଧ୍ୟରୁ କେତେ ଚାଷୀ ଧାନ ବିକ୍ରି କରିପାରିଥିଲେ ତାହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## PDS ବ୍ୟବସ୍ଥାରେ ଗହମ ଯୋଗାଣ

383 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- PDS ବ୍ୟବସ୍ଥାରେ ଆସନ୍ତା ଜାନୁଆରୀ ମାସରୁ ଖାଉଟୀଙ୍କୁ ଗହମ ଯୋଗାଇବା ପାଇଁ ବିଭାଗ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସୂଚନାଯୋଗ୍ୟ ତେବେ ଏଥିପାଇଁ ସାରା ରାଜ୍ୟରେ କେତେ ଗହମର ଆବଶ୍ୟକତା ରହିଛି, ଏହି ଗହମ କିଣିବାରେ ସରକାର କେତେ ଅର୍ଥ ଖର୍ଚ୍ଚ କରିବେ, ଏବଂ ଏହି ଗହମ ସରକାର କେଉଁ ରାଜ୍ୟରୁ କିଣିବେ ବୋଲି ସ୍ଥିର କରିଛନ୍ତି, ସମପରିମାଣର ଚାଉଳ ଠାରୁ ଗହମ କିଣାରେ କେତେ ଅର୍ଥ ଅଧିକ ଖର୍ଚ୍ଚ ହେବ କହିବେ କି ?

----

## ଦୁଗ୍ଧ କ୍ରୟର ଲିଟର ପିଛା ଦର

384 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓମଫେଡ୍ ସଂସ୍ଥା ଦୁଗ୍ଧ ଉତ୍ପାଦନ କାରୀ ଚାଷୀଙ୍କଠାରୁ ଲିଟର ପିଛା କେତେ ଟଙ୍କାରେ ଦଗ୍ଧ କ୍ରୟ କରୁଛି ଏବଂ ଲିଟର ପିଛା କେତେ ଟଙ୍କାରେ ଖାଉଟିଙ୍କୁ ବିକ୍ରି କରୁଛି ଆଗାମୀ ଦନରେ ଓମଫେଡ୍ ସଂସ୍ଥା ଦୁଗ୍ଧ ଚାଷୀମାନଙ୍କଠାରୁ କିଣୁଥିବା ଦୁଗ୍ଧ ଦର ବଢାଇବାକୁ ଚିନ୍ତା କରୁଛି କି ?

----

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ

385 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ବର୍ଷ ବନ୍ୟା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଧାନ ଓ ଅନ୍ୟାନ୍ୟ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ରାଜ୍ୟ ସରକାର ଚାଷୀମାନଙ୍କ ଋଣ ଛାଡ କରିବାକୁ କିଛି ନିଷ୍ପତ୍ତି ନେବାକୁ ଚିନ୍ତା କରୁଛନ୍ତି କି ?

----

## ପ୍ରାଥମିକ ତନ୍ତୁବାୟ ସମିତି ଲିଃ ର ସଂଖ୍ୟା

386 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେତୋଟି ପ୍ରାଥମିକ ତନ୍ତୁବାୟ ସମିତି ଲିଃ କେଉଁ କେଉଁ ବ୍ଲକରେ କାର୍ଯ୍ୟ କରୁଛି ? ଏହି ତନ୍ତୁବାୟ ସମିତିରେ କେତେ ବୁଣାକାର କାର୍ଯ୍ୟରତ ଅଛନ୍ତି ଓ କି କି ପ୍ରକାର ଉତ୍ପାଦ ଉତ୍ପାଦନ ହେଉଛି ? ବୁଣାକାର ମାନଙ୍କ ସହାୟତା ଓ ସହଯୋଗ ପାଇଁ ସରକାର କି କି ବ୍ୟବସ୍ଥା କରିଛନ୍ତି ?

----

## ସମବାୟ ଆନ୍ଦୋଳନ

387 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ସମବାୟ ଆନ୍ଦୋଳନକୁ ଆଗକୁ ନେବା ପାଇଁ ତୃଣମୂଳ ସ୍ତରରେ ଦୃଢ ସଙ୍ଗଠନ ଗଠନ କରିବାର ଆବଶ୍ୟକତାକୁ ସରକାର ଉପଲବ୍ଧି କରିବେ କି, ଏଥିପାଇଁ ଗୁଣାତ୍ମକ ଇନପୁଟ୍, ଷ୍ଟୋରେଜ୍ ଷ୍ଟ୍ରକଚର ବୃଦ୍ଧି, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ବଜାର ସୁବିଧା ଭଳି ମୌଳିକ ଆବଶ୍ୟକତାକୁ ପୂରପଣ କରିବା ପାଇଁ ମିଶନ୍ ମୋଡରେ କାମ କରିବେ କି ?

----

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସ୍ଥିତି

388 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମତ୍ସ୍ୟ ପଶୁପାଳନ ଓ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଉତ୍ତମ ପ୍ରଶିକ୍ଷଣ, ଭିତ୍ତିଭୂମି ବିକାଶ ଓ ସଚେତନତା ପ୍ରସାର ପାଇଁ ସରକାର ପଦକ୍ଷେପ ନେବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ସ୍ଥିତି ଏବେ କ'ଣ ଓ ଏଥିପାଇଁ ସରକାର କେତେ ଅର୍ଥ ବଜେଟ୍ ରେ ବ୍ୟବସ୍ଥା କରିଛନ୍ତି, ସେହିପରି ମତ୍ସ୍ୟ ଚାଷ ଉପରେ ମତ୍ସ୍ୟଜୀବି ମାନଙ୍କୁ ଟ୍ରେନିଂ ଦେବାପାଇଁ ଓ ନୂତନ ଯୁବପିଢୀଙ୍କୁ ଆତ୍ମ ନିଯୁକ୍ତିର ସୁଯୋଗ ଦେବା ପାଇଁ ବାୟୋ ଫ୍ଲକ, କେଜ୍ କଲଚର୍, ମଧୁର ଜଳ ମାଛ ଚାଷ, ଖାରି ଜଳ ଓ ଲୁଣି ଜଳ ମାଛ ଚାଷ ଉପରେ ଆବଶ୍ୟକ ଟ୍ରେନିଂ ବ୍ୟବସ୍ଥା ଓ ସଚେତନତା କାର୍ଯ୍ୟକ୍ରମ ସରକାର କରିବେ କି ?

----

## Single Window Clearance Committee ରେ ପୁଞ୍ଜି ନିବେଶ

389 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ରାଜ୍ୟ ସରକାରଙ୍କ ଦ୍ୱାରା Single Window Clearance Committee ରେ କେତେ ପୁଞ୍ଜି ନିବେଶ ପାଇଁ ସୁଯୋଗ ଦିଆଯାଇଛି, କେଉଁ କେଉଁ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ପାଇଁ କେଉଁ କେଉଁ ସ୍ଥାନରେ ହେବା ପାଇଁ ଓ କେତେ କର୍ମ ନିଯୁକ୍ତି ସୃଷ୍ଟି ହେବା ପାଇଁ ବ୍ୟବସ୍ଥା ଅଛି, ସେହିପରି ଆଗାମୀ ଦିନରେ ହେବାକୁ ଯାଉଥିବା Make in Odisha Conclave ରେ ସରକାରଙ୍କର ସ୍ୱତନ୍ତ୍ର ନୀତି, ଉଦ୍ୟମ ଓ ସହଯୋଗ କଣ ରହିବ, ପୂର୍ବରୁ ହୋଇଥିବା Make in Odisha Conclave ଅନୁଭୂତି ଓ ପୁଞ୍ଜିପତିଙ୍କ ଅସହଯୋଗ ଦିଗକୁ ଆଖି ଆଗରେ ରଖି ଉପଯୁକ୍ତ ପଦକ୍ଷେପ ନେବେ କି ?

----

## ଉଠା ଜଳସେଚନକୁ ବିଦ୍ୟୁତ ଯୋଗାଣ

390 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ ଜିଲ୍ଲାରେ ଚାଷୀ ମାନଙ୍କ ଜମିକୁ ଜଳ ଯୋଗାଣ ନିମନ୍ତେ ଉଠା ଜଳସେଚନ ବ୍ୟବସ୍ଥା ପୂର୍ବରୁ ଅଛି କିନ୍ତୁ ବିଦ୍ୟୁତ ବିଭାଗର ବିଭିନ୍ନ ପ୍ରକାରର ଅବହେଳା ଯୋଗୁଁ ବିଭିନ୍ନ POINT ରେ ବିଦ୍ୟୁତ ବିଚ୍ଛିନ୍ନତା କାରଣରୁ ଜଳଯୋଗାଣରେ ବାଧା ସୃଷ୍ଟି ହେଉଅଛି - ଉଦାହରଣ ସ୍ୱରୁପ-ଦଣ୍ଡାସିଂହା ଗ୍ରାମରେ ଥିବା ଉଠା ଜଳ ସେଚନ ଦୀର୍ଘ ୩୦ବର୍ଷ ହେବ କାମ କରୁଥିଲା କିନ୍ତୁ ବହୁ ପୁରୁଣା ୩୦ ବର୍ଷ ତଳର କୌଣସି ବକେୟା ଅର୍ଥ ନିମିତ୍ତ ଏବେ ଟାଟାପାୱାର ବିଦ୍ୟୁତ ବିଚ୍ଛିନ୍ନ କରିଦେଇଛି , ଏଣୁ ଚାଷୀ ଜମିରେ ବର୍ଷା ଭାବରୁ ମରୁଡି ସମସ୍ୟା ଦେଖାଗଲାଣିଆ, ଧ୍ୟାନ ଦେଇ ଦେବଗଡ ଜିଲ୍ଲାରେ ଥିବା ସମସ୍ତ ଉଠାଜଳସେଚନକୁ ବିଦ୍ୟୁତ ଯୋଗାଣ କରି ଚାଲୁ କରିବେ କି ?

----

## K - ଫର୍ମ ପଟ୍ଟାଧାରୀଙ୍କ ଚାଷ ଜମିରୁ ଧାନ କ୍ରୟ

391 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- K - ଫର୍ମ ପଟ୍ଟା ଧାରୀଙ୍କ ଚାଷ ଜମିରୁ ସମବାୟ ବିଭାଗ ଧାନ କ୍ରୟ କରି ପାରିବେ ଏଣୁ ଦେବଗଡ ଜିଲ୍ଲାରେ ଥିବା K-ଫର୍ମ ପଟ୍ଟା ଧାରୀ ଙ୍କ ଚାଷଜମିରୁ ଉତ୍ପାଦିତ ଧାନ କୁ ସମବାୟ ବିଭାଗ କଣି ପାରିବେ ନା ନାହିଁ ଜଣାଇବେ କି ?

----

## ପୋଖରୀ ଖନନ ପାଇଁ ଅନୁମତି

392 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଦେବଗଡ଼ ଜିଲ୍ଲାରେ ଗତ ପାଞ୍ଚ ବର୍ଷ ମଧ୍ୟରେ କେତେ ଜଣ ମତ୍ସ୍ୟଚାଷୀଙ୍କୁ ପୋଖରୀ ଖନନ ପାଇଁ ଅନୁମତି ପ୍ରଦାନ କରାଯାଇଅଛି ? କେତେ ଗୋଟି ସପୂର୍ଣ୍ଣ ହୋଇଅଛି ?

----

## ନୂତନ L.I. Centre ନିର୍ମାଣ

393 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରେ କେତେଜଣ L.I. ପଦବି ଖାଲିଅଛି, ଏହା କେବେ ସୁଦ୍ଧା ପୂରଣ କରାଯିବ, (ଖ) ନୂତନ L.I. Centre ନିର୍ମାଣ କରିବା ପାଇଁ କଣ କଣ ପଦକ୍ଷେପ ନେଇଛନ୍ତି ?

----

## ଖାଉଟି କାର୍ଡ ପ୍ରଦାନ

394 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେ ଜଣ ହିତାଧିକାରୀ ଖାଉଟି କାର୍ଡ ପାଇଁ ଆବେଦନ କରିଛନ୍ତି ଏବଂ ଏହା କେବେ ସୁଦ୍ଧା ପ୍ରଦାନ କରାଯିବ ?

----

## ପୋଖରୀ ଖନନ

395 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମାଛ ଚାଷ ପାଇଁ କେତେଗୋଟି ମତ୍ସ୍ୟ ପୋକରୀ ଗତ ତିନିବର୍ଷରେ ଖନନ କରାଯାଇଛି ଏବଂ ଏଥିପାଇଁ କେତେ ଜଣ ଚାଷୀଙ୍କୁ ରିହାତି ପ୍ରଦାନ କରାଯାଇଛି, ତାହାର ଏକ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି

396 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟ ବିଭିନ୍ନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି ସାଙ୍ଗକୁ ରପ୍ତାନି ବୃଦ୍ଧି କରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ଓ ଏଥିରୁ କେତେ ସଫଳତା ମିଳିଛି ?

----

## ଧାନ ସଂଗ୍ରହ କେନ୍ଦ୍ରର ଆଧୁନିକି କରଣ

397 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ କେତେଗୋଟି ଧାନ ସଂଗ୍ରହକେନ୍ଦ୍ରର ଆଧୁନିକ ଭିତ୍ତିଭୂମି ନିର୍ମାଣ ପାଇଁ ସ୍ଥିର କରାଯାଇ ସେଥିରୁ କେତେ ଗୋଟି କେନ୍ଦ୍ରରେ ନିର୍ମାଣା କର୍ଯ୍ୟ ଆରମ୍ଭ କରାଯାଇଛି, କେତୋଟିରେ ଟେଣ୍ଡର ପ୍ରକ୍ରିୟାରେ ଅଛି ଓ ଅବଶିଷ୍ଟ କେନ୍ଦ୍ର ଗୁଡିକରେ କେବେ ସୁଧା ନିର୍ମାଣ କରାଯିବ ତାର ଜିଲ୍ଲା ଓ ବ୍ଲକ ୱାରି ତଥ୍ୟ ପ୍ରଦାନ କରିବେ କି ଏ ବାବଦକୁ ଗୋଟିଏ ଧାନ ସଂଗ୍ରହ କେନ୍ଦ୍ରପାଇଁ କି କି ଭିତ୍ତିଭୂମିର ବ୍ୟବସ୍ଥା କରାଯାଉଛି ଓ ଏ ବାବଦକୁ କେତେଟଙ୍କା ବ୍ୟୟ ବରାଦ କରାଯାଉଛି ?

----

## Security Deposit Amount

398 **Shri Ramesh Chandra Behera (Daspalla):**

Will the Minister for **Energy** be pleased to state that:-:- How much amount are being collected from different consumers towards the additional security deposit in connection with the previously electrified households, provide a detailed information on that ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ

399 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡା ନିର୍ବାଚନ ମଣ୍ଡଳୀର କେତୋଟି କ୍ଷୁଦ୍ର ଶିଳ୍ପ ଓ କେତୋଟି ମଧ୍ୟମ ଶିଳ୍ପ କେଉଁ କେଉଁ ଅଞ୍ଚଳରେ ଅଛି ଓ ସେଗୁଡିକ କିପରି ବ୍ୟବସ୍ଥା ଅଛି କେତେ ଲୋକ ନିଯୁକ୍ତି ବା ଆତ୍ମନିଯୁକ୍ତି ପାଇଛନ୍ତି ଉତ୍ତର ଦେବେ କି ନୂତନଭାବେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟୋଗୀମାନଙ୍କ କି ପ୍ରକାର ପ୍ରୋତ୍ସାହନ ଦେବା ପାଇଁ ସରକାର ଲକ୍ଷ ରଖିଛନ୍ତି ?

----

## ମତ୍ସ୍ୟ ଚାଷୀଙ୍କ ବିକାଶ ପାଇଁ ଯୋଜନା

400 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେ ମତ୍ସ୍ୟ ଚାଷୀ ଅଛନ୍ତି, ମତ୍ସ୍ୟ ଚାଷୀଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା ସବୁ କ'ଣ ଅଛି ଓ ନୂତନ ମତ୍ସ୍ୟ ଚାଷୀ ମାନଙ୍କୁ ସରକାର କି ପ୍ରକାର ପ୍ରୋତ୍ସାହନ ଯୋଗାଉଛନ୍ତି, ସେହିପରି K. Nuagaon Block ରେ ଗୋଟିଏ ନୂତନ ପଶୁ ଡାକ୍ତରଖାନା କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## କୌଳିକ ବୃତ୍ତି ବଞ୍ଚାଇ ରଖିବା ପାଇଁ ପ୍ରସ୍ତୁତ ଜିନିଷର ଲୋକାଦୃତ ପାଇଁ ପଦକ୍ଷେପ

401 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କାଠ ଶିଳ୍ପୀ, ପଥର ଶିଳ୍ପୀ, ମୃତ୍ତିକା ଶିଳ୍ପୀ ମାନଙ୍କର କୌଳିକ ବୃତ୍ତି ବଞ୍ଚାଇ ରଖିବା ପାଇଁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷର ଲୋକାଦୃତ କରିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଓ ସେମାନଙ୍କ ଉତ୍ପାଦନ ବଜାର ବ୍ୟବସ୍ଥା ପାଇଁ ସରକାର କ'ଣ କରୁଛନ୍ତି ?

----

## ମାପ ଓ ଓଜନରେ ଠକେଇ

402 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ମାପ ଓ ଓଜନରେ କେତୋଟି ଠକେଇ ଧରାପଡିଥିବାର ବିଗତ ୬ ମାସରେ ହୋଇଛି ପନିପରିବାରେ ରଙ୍ଗ ବୋଳିବା, ମାଛ ମାଂସରେ ଡିଜେଲ୍ ଗ୍ୟାସ୍ ଏସିଡ୍ ଇତ୍ୟାଦି ଦେଇ ଅଧିକ ଦିନ ରଖିବା, ଓଜନରେ ନିରିହ ସରଳ ଲୋକଙ୍କୁ ଠକିବା, ପେଟ୍ରୋଲ ଟାଙ୍କିରେ, ସିମେଣ୍ଟ ଗୋଦାମରେ ଅପମିଶ୍ରଣ କରିବା, ଭେଜାଲ୍ ତେଲ, ଘିଅ, ମସଲା, ଓଜନ ମାପ ଓ ମାନରେ ଠକେଇ କରୁଥିବା କେତୋଟି ବ୍ୟବସାୟ କେନ୍ଦ୍ର, କେତେ କାରଖାନା, ଗୋଦାମ ଗୃହରେ ଚଢାଉ କରି ଠକ ଦଲାଲ ମାନଙ୍କୁ ଧରିଛନ୍ତି ?

----

## ଧାନଚାଷ ପାଇଁ ହେକ୍ଟର ପିଛାଖର୍ଚ୍ଚ

403 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- (କ) ରାଜ୍ୟରେ ଧାନଚାଷ ପାଇଁ କେଉଁ କେଉଁ କିସମ ଜମିର ହେକ୍ଟର ପିଛା କେତେ ଖର୍ଚ୍ଚ ହେଉଛି ଓ ହେକ୍ଟର ପିଛା କେତେ ଧାନ ଅମଳ ହେଉଛି ଉତ୍ପାଦିତ ଧାନ ଚାଷୀ ବିକିଲେ, ହେକ୍ଟର ପିଛା କିସମ ୱାରୀ ଜମିରୁ ଚାଷୀ କେତେ ଲାଭ ପାଉଛି, କିମ୍ବା କ୍ଷତି ସହୁଛି ତାର ଆକଳନ କରାଯାଉଛି କି ଯଦି କ୍ଷତି ହେଉଛି ତାର କ୍ଷତିର ଭରଣ ପାଇଁ ଏବଂ ରାଷୀର ଆର୍ଥିକ ସୁଧାର ପାଇଁ ରାଜ୍ୟ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ଜଣାଇବେ କି (ଖ)କାକଟପୁର ଆସ୍ତରଙ୍ଗ ଓ ଗୋପ ବ୍ଲକରେ ଆର୍ଥିକ ବର୍ଷ 2021-22, 2022-23, 2023-24 ରେ କେତେ ଧାନ ଉତ୍ପାଦନ ହୋଇଛି ତାର ବ୍ଲକୱାରୀ ତାଲିକା ଦେବେ କି ଚଳିତ ବର୍ଷ କେତେ ଧାନ ଉତ୍ପାଦନ ହେବ ବୋଲି ଆକଳନ କରାଯାଉଛି ?

----

## Society ର ତାଲିକା

404 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲେଶ୍ୱର ଜିଲ୍ଲାରେ ନୂତନ ଭାବେ କେତେ ଗୋଟି Society ଖୋଲିବା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି ତନ୍ମଧ୍ୟରୁ ଅଦ୍ୟାବଧି କେତୋଟି Society ଖୋଲିଛନ୍ତି ତାହାର ଏକ ସବିଶେଷ ତାଲିକା ପ୍ରଦାନ କରିବା ସହ ନୂତନ Society ଗୁଡିକୁ ସରକାର କଣ କଣ ଯୋଗାଇ ଦେବାର ବ୍ୟବସ୍ଥା ଅଛି ତାହା ଜଣାଇବେ କି ?

----

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା

405 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ରାଜ୍ୟରେ କେବେ ଠାରୁ ଲାଗୁ କରିବାର ଯୋଜନା ରଖୁଛନ୍ତି ଏହାର ଆବେଦନ ପାଇଁ ସରକାରଙ୍କର କି ପ୍ରକାର ନୀତିନିୟମ ରହିଛି ଜଣେ Consumer କେତେ ଟଙ୍କା ଓ ସରକାର କେତେ ଟଙ୍କା ବିଲ ପୈଠ କରିବାର ପ୍ରାବଧାନ ରହିଛି ?

----

## ଚାଉଳ ଗୋଦାମର ସଂଖ୍ୟା

406 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ ସମୁଦାୟ କେତୋଟି ଚାଉଳ ଗୋଦାମ ଅଛି ସେଥି ମଧ୍ୟରୁ କେତେ ପରିମାଣ ର ଚାଉଳ ଗଚ୍ଛିତ ରହିପାରିବାର ବ୍ୟବସ୍ଥା ଅଛି ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ବ୍ଲକର RMC ଦ୍ୱାରା ଚାଉଳ ଗୋଦାମ ଥିବା ସ୍ଥଳେ ଉକ୍ତ ଗୋଦାମକୁ ବ୍ୟବହାର ନକରି ବାଲେଶ୍ୱର ଜିଲ୍ଲାର ଶେଷ ସୀମାରେ ରାଇବଣିଆ ଗୋଦାମରେ ଚାଉଳ ଗଚ୍ଛିତ ରଖିବା ଫଳରେ ହୀତାଧିକାରୀ ମାନଙ୍କର ଚାଉଳ ସଠିକ ସମୟରେ ପାଇପାରୁନଥିବା ଦୃଷ୍ଟିକୁ ଆସିଛି କି ?

----

## ପ୍ରୋତ୍ସାହନର ବିବରଣୀ

407 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ ବୁଣାକାର, ହସ୍ତଶିଳ୍ପୀ ଓ କୁମ୍ଭାର, କମାର ଶିଳ୍ପିମାନଙ୍କ ଭବିଷ୍ୟତ ପାଇଁ ସରକାର ସମସ୍ତଙ୍କୁ ବାମାଭୁକ୍ତ କରିବା ସହ ଆବଶ୍ୟକ କଞ୍ଚାମାଳ ଯୋଗାଇବେ କି, 2014-15 ଠାରୁ 2023-24 ପର୍ଯ୍ୟନ୍ତ ହସ୍ତଶିଳ୍ପୀ ଓ କୁମ୍ଭାର, କମାର ଶିଳ୍ପି ମାନଙ୍କୁ କଣ କଣ ପ୍ରୋତ୍ସାହନ ଦିଆଯାଇଛି ?

----

## ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା

408 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମୟୁରଭଞ୍ଜ ଜିଲ୍ଲାରେ କେଉଁ କେଉଁ ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାୟଗଡାରେ ସମବାୟ ଓ କୃଷି ଋଣ ପ୍ରଦାନ

409 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାୟଗଡା ନିର୍ବାଚନ ମଣ୍ଡଳୀର କେଉଁ ପ୍ରଥମିକ ସେବା ସମବାୟ ସମିତି ତରଫରୁ ବିଗତ 5 ବର୍ଷରେ କେଉଁ କେଉଁ ଚାଷୀ, ନାମ ମାତ୍ର ଚାଷୀ, ଭାଗଚାଷୀ ମାନଙ୍କୁ କେତେ ସମବାୟ ଓ କୃଷି ଋଣ ପ୍ରଦାନ କରାଯାଇଛି ?

----

### ରାୟଗଡା ରେ ହିତାଧିକାରୀଙ୍କୁ PMEGP ଋଣ

410 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-ରାୟଗଡା ନିର୍ବାଚନ ମଣ୍ଡଳୀରେ ବିଗତ 5 ବର୍ଷରେ କେଉଁ କେଉଁ ହିତାଧିକାରୀଙ୍କୁ କେତେ ପରିମାଣର PMEGP ଋଣ ଓ ସବସିଡି ପ୍ରଦାନ କରାଯାଇଛି ଅଧିକ ହିତାଧିକାରୀଙ୍କୁ ଏହି ଋଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି କି ?

----

### ସୌର ଶକ୍ତିର ଉପଯୋଗ

411 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ପ୍ରଧାନମନ୍ତ୍ରୀ ବିଜୁଳି ଯୋଜନା କୃଷକମାନଙ୍କୁ ସୌର ଶକ୍ତିର ଉପଯୋଗ ପାଇଁ କି କି ସ୍ଥାୟୀ ପ୍ରୋତ୍ସାହନ ଦିଆଯାଉଛି ?

----

### କଳାବଜାରୀ ରୋକିବା ପାଇଁ ପଦକ୍ଷେପ

412 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ଅତ୍ୟାବଶକୀୟ ଜିନିଷର ଦର ଅହେତୁକ ବୃଦ୍ଧି ପାଇଥିବାରୁ କଳାବଜାରୀଙ୍କୁ ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବେ କି କଳାବଜାରୀଙ୍କୁ କେତେ ସଂଖ୍ୟାରେ ଗିରଫ ଜରିମନା କରାଯାଇଛି ?

----

### Spinning Mill ଗୁଡିକର ପୁନରୁଦ୍ଧାର

413 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ବନ୍ଦଥିବା ରୁଗଣ ଅବ୍ୟବସ୍ଥାରେ ଥିବା Spinning Mills ଗୁଡିକର ପୁନରୁଦ୍ଧାର କରାଯାଉନଥିବାର ବାସ୍ତବ କାରଣ କଣ ? ଓଡିଶାରେ କୁଶଳୀ କାରିଗର ମାନେ ଅନ୍ୟରାଜ୍ୟରେ କାର୍ଯ୍ୟକରି ଖ୍ୟାତି ଅର୍ଜନ କରୁଥିବା ତଥା ଓଡିଶାର ରାଜସ୍ୱ ବୃଦ୍ଧିରେ ସହାୟକ ହେଉଥିବା ବେଳେ ସରକାର ସେମାନଙ୍କ କଥାକୁ ବିଚାର କରି ରାଜ୍ୟର ସମସ୍ତ ସୂତାକଳ ପୁନରୁଦ୍ଧାର କରି ଶ୍ରମିକ ମାନଙ୍କୁ କାମ ଦେବାପାଇଁ ବ୍ୟବସ୍ଥା କରିବ ସୂତାକଳ ଗୁଡିକୁ ପୁନରୁଦ୍ଧାର କରିବାରେ ପଦକ୍ଷେପ ଗ୍ରହଣ କରିବେ କି ?

----

## Street Light ବ୍ୟବସ୍ଥା

414 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

----

## Bio Fluck ମାଧ୍ୟମରେ ମାଛଚାଷ

415 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଓଡିଶାରେ କେତେ ଲୋକ Bio Fluck ମାଧ୍ୟମରେ ମାଛ ଚାଷ କରୁଛନ୍ତି Bio Fluck ପଦ୍ଧତିରେ ଚାଷ ହୋଇଥିବା ମାଛ ଗୁଡିକର ଜାଆଁଳ ଉତ୍ପାଦନ ଓଡିଶାରେ ନଥିବାରୁ Bio Fluck ଯୋଜନାଟି ସଫଳ ହୋଇପାରୁନାହିଁ ଏଥିପାଇଁ କି ପଦକ୍ଷେପ ନେଇଛନ୍ତି ?

----

## Pre-paid meter ଲଗାଇବା ସମ୍ପର୍କରେ

416 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:-

ଇଲେକ୍ଟ୍ରୀ ବିତରଣ ସଂସ୍ଥା ସରକାରୀ ଅଫିସ, ସହରାଞ୍ଚଳ ଉପଭୋକ୍ତାଙ୍କ ଘରେ Pre-paid meter ଲଗାଉଚି ଏଥିସହିତ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ଘରେ ଲାଗିବକୁ ଏଥିପାଇଁ ଉପଭୋକ୍ତାକୁ ଦେୟ ଦେବାକୁ ପଡିବ କି ଯେଉଁ ଉପଭୋକ୍ତାଙ୍କର ମିଟର ସଠିକ୍ ଅଛି ଲାଗିବ କି ଉତ୍ତର ହଁ ହେଲେ କେତେ ଦେବାକୁ ପଡିବ କେବେ ସୁଦ୍ଧା ଲାଗିବ ସବିଶେଷ ତଥ୍ୟ ରଖିବେ କି ଓଡିଶାରେ ସମସ୍ତ ସରକାରୀ ଅଫିସରେ କେତେ Bill Pending ଅଛି ଜିଲ୍ଲାୱାରୀ ତଥ୍ୟ ଦେବେ କି ସମସ୍ତ ଅଫିସରେ ପ୍ରଥମେ Pre-paid meter ଲଗେଇ ସାରିବା ପରେ ତା ପରେ ସାଧାରଣ ଉପଭୋକ୍ତାଙ୍କ ଘରେ ଲଗେଇବାର ବ୍ୟବସ୍ଥା କରିବେ କି ?

----

## ବଳକା ବିଜୁଳି ବିକ୍ରୀ

417 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ରାଜ୍ୟରୁ ଉତ୍ପାଦିତ ବଳକା ବିଜୁଳି ଅନ୍ୟ ରାଜ୍ୟ ଗୁଡିକୁ ବିକ୍ରୀ କରାଯାଏ କି, ଯଦି 'ହଁ' ତେବେ କେଉଁ କେଉଁ ରାଜ୍ୟକୁ ବିକ୍ରି କରାଯାଉଛି ଓ unit ପିଛା କେତେ tariff (ଦର) ରେ ବିକ୍ରି କରାଯାଇଛି ; (ଖ) ରାଜ୍ୟର ବଳକା ବିଜୁଳି କେଉଁ କେଉଁ ରାଜ୍ୟକୁ ବିକ୍ରି କରାଯିବ ଓ ୟୁନିଟ ପିଛା କେତେ ଦରରେ ବିକ୍ରି କରାଯିବ, ଏ ନିଷ୍ପତ୍ତି କିଏ ଗ୍ରହଣ କରନ୍ତି ?

----

## ରାସନ ହିତାଧିକାରୀଙ୍କ ଇ-ଭେରିଫିକେସନ୍

418 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡି ବ୍ଲକର ମାଣ୍ଡିପଙ୍କା ଗାଁର ରାସନ ହିତାଧିକାରୀଙ୍କ ଇ-ଭେରିଫିକେସନ୍ ହୋଇସାରିଛି କି, କେତେଜଣ ଏହି ପ୍ରକ୍ରିୟା ଯୋଗୁଁ ବାଦ୍ ପଡିଛନ୍ତି, ଆମ୍ବ ଟାକୁଆ ଖାଇ ମୃତ୍ୟୁବରଣ କରିଥିବା ଦୁଇଜଣ ବ୍ୟକ୍ତି କେଉଁ କେଉଁ ରେସନ କାର୍ଡ ଅନ୍ତର୍ଭୁକ୍ତ ଓ ଏହି କାର୍ଡରେ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସର ରାସନ ସାମଗ୍ରୀ କେଉଁ କେଉଁ ତାରିଖରେ ଦିଆଯାଇଥିଲା ଜଣାଇବେ କି ?

----

## କ୍ଷମତା ପ୍ରାପ୍ତ ଡିଲରଙ୍କ ତାଲିକା

419 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପାଲଲହଡା ନିର୍ବାଚନ ମଣ୍ଡଳୀରେ ସାର ଓ ବିହନ ଯୋଗାଇବାକୁ କ୍ଷମତା ପ୍ରାପ୍ତ ଡିଲର ନିଯୁକ୍ତି ହୋଇଛନ୍ତି ସେମାନଙ୍କର ଦୋକାନ ଘର ଅଛି କି, ବ୍ଲକୱାରୀ ତାଲିକା ଦେବେ କି ?

----

## କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବୃଦ୍ଧି ପାଇଁ ପଦକ୍ଷେପ

420 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଅନୁଗୋଳ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବୃଦ୍ଧି ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ମାଗଣା ବିଦ୍ୟୁତ୍ ସଂଯୋଗ

421 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ମାଗଣା ବିଦ୍ୟୁତ୍ ସଂଯୋଗ ବେବସ୍ଥା କରାଯିବା ପାଇଁ ପ୍ରସ୍ତାବ ଅଛି କି, ଯଦି ଉତ୍ତର 'ହଁ' ହୁଏ, କେବେଠାରୁ କାର୍ଯ୍ୟକାରୀ ହେବ ; (ଖ) ସର୍ବସାଧାରଣ ମାନଙ୍କୁ 300 ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି, କେବେଠାରୁ କାର୍ଯ୍ୟକାରୀ କରିବା ପାଇଁ ସରକାର ବିଚାର କରୁଛନ୍ତି ?

----

## ବିଦ୍ୟୁତ୍ ସଂଯୋଗ

422 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ତାରିଖ ୨୪.୦୪.2024 ଅଣତାରକା ପ୍ରଶ୍ନ ସଂଖ୍ୟା 23୨୪ ର ଉତ୍ତର ଅନୁଯାୟୀ ସମସ୍ତ ଗ୍ରାମ ଗୁଡିକ ବିଦ୍ୟୁତକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି କି ନାହିଁ ଜଣାଇବେ କି, ଅଦ୍ୟାବଧି ମୟୂରଭଞ୍ଜ ଜିଲ୍ଲାର କେତୋଟି ଗୃହରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ଜଣାଇବେ କି ?

----

## ମରୁଡି ଘୋଷଣା

423 **ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## Status of Kalia Scheme

424 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

What is the current status of the KALIA Scheme in Odisha, and how many farmers have benefited from it, will the Govt. provide data on the total number of beneficiaries under the KALA scheme since its inception, What is the total financial assistance disbursed to farmers under this scheme in the last fiscal year, How does the government ensure that marginalized communities, particularly SC/ST farmers, are included in this schemes and how is the PM Fasal Bima Yojana being implemented in Odisha, and what are its impacts on farmers ?

----

## ମାଙ୍କଡ଼ ଉପଦ୍ରବ ରୋକିବାକୁ ପଦକ୍ଷେପ

425 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ-

----

## ଚାଷୀଙ୍କୁ ସୁବିଧା ପ୍ରଦାନ

426 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗତ ସରକାର ତୁଳନାରେ ଉକ୍ତ ଋତୁରେ ନୂତନ ସରକାର ଧାନ ସଂଗ୍ରହ କରିବାରେ ଏବଂ ମଣ୍ଡିର ସୁବ୍ୟବସ୍ଥା ଦୃଷ୍ଟିରୁ କ'ଣ କ'ଣ ସବୁ ପଦକ୍ଷେପମାନ ଗ୍ରହଣ କରିବ, ଧାନ ଅଖା, transportation, ମଣ୍ଡିରେ ଖାଦ୍ୟ ଭଳି ଚାଷୀଙ୍କୁ କେଉଁ ପ୍ରକାରର ସୁବିଧାମାନ ମିଳିବ ତାହାର ସବିଶେଷ ବିବରଣୀ ଦେବେ କି ?

----

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ପାଇଁ ପୋଖରୀ ନିଲାମ

427 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ଆର୍ଥିକ ବର୍ଷ 2021-22, 2022-23, 2023-24 ରେ ପୁରୀ ଜିଲ୍ଲାରେ କେତେଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ ପାଇଁ ପଞ୍ଚାୟତ ପୋଖରୀ ନିଲାମ ଦିଆଯାଇଛି ତା'ର ବ୍ଲକୱାରୀ ତଥ୍ୟ ଦେବେ କି, କେତେଜଣ ମହିଳା ଚାଷୀ ମାଛ ଚାଷ ଆନୁଷଙ୍ଗିକ ବ୍ୟବସାୟ ସହିତ ଜଡ଼ିତ ତା'ର ଏକ ତାଲିକା ଦେବେ କି ; (ଖ) ଉପରୋକ୍ତ ଆର୍ଥିକ ବର୍ଷ ମାନଙ୍କରେ ମତ୍ସ୍ୟ ଓ ଦୁଗ୍ଧ ଉତ୍ପାଦନ କେତେ ବ୍ଲକୱାରୀ ତଥ୍ୟ ଦେବେ କି ?

----

## ଗଣିତ ଶିକ୍ଷା ଭିତ୍ତିଭୂମି ଉନ୍ନୟନ

428 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବିଜ୍ଞାନ ଓ କାରିଗରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ପୁରୀ ଜିଲ୍ଲାରେ ଗଣିତ ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ଓଡିଶା ଗଣିତ ପ୍ରତିଷ୍ଠାନ ତରଫରୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----